- Vol.- 46, Issue No. 31
- Friday, 1 May 2026
- ଶୁକ୍ରବାର, ୧ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com


ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ବିଧାନସଭାରେ ମହିଳା ସଂରକ୍ଷଣ ମହାବିତର୍କ

# ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମାଲୋଚନା

ଭୁବନେଶ୍ୱର,୩୦।୪: ଆରମ୍ଭ ହୋଇଛି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ। ବିଧାନସଭାର ଏହି ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାରେ ହୋହାଲ୍ଲା କରିଥିଲେ ବିରୋଧୀ । ଗୃହମଧ ଭାଗକୁ ଆସି ହୋହାଲ୍ଲା ଏବଂ ନାରାବାଜି କରିଥିଲେ । ଏପିରିକି ବାଚସ୍ପତିଙ୍କ ପୋଡ଼ିୟମ ପାଖରୁ ଆସି ମଧ ନାରାବାଜି କରିଥିଲେ । ସ୍ୱତନ୍ତ୍ର ଅଧିବେଶନରେ ପ୍ରଥମେ ଜିତୁ ମୁଣ୍ଡା ପ୍ରସଙ୍ଗ ଉଠାଇବା ପାଇଁ ଦାବି କରିଥିଲେ ବିରୋଧୀ । ଶେଷରେ ସ୍ୱତନ୍ତ୍ର ଅଧିବେଶନରେ କକ୍ଷ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ । କକ୍ଷତ୍ୟାଗ ପରେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଛନ୍ତି କଂଗ୍ରେସ ବିଧାୟକ। ସେହିପରି ଗୃହ କାର୍ଯ୍ୟ ଆରମ୍ଭରୁ ଆଲୋଚନା ପାଇଁ ପ୍ରସ୍ତାବ ଆଣି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ରଖିଛନ୍ତି। ଆରମ୍ଭରୁ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି, ମହିଳାଙ୍କୁ ଉଚିତ ନ୍ୟାୟ ଦେବାରେ ଅବହେଳା କରାଯାଇଛି । କଂଗ୍ରେସ ଦଳ ବନ୍ଧୁମାନେ ଆଲୋଚନାକୁ ଆଗେଇ ଆସିବା ବଦଳରେ ମହିଳାଙ୍କ ଉଦ୍ଦେଶ୍ୟରେ ନକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। କଂଗ୍ରେସ ନିଜ ସରକାର ସମୟରେ ମହିଳାଙ୍କ ବିଲକୁ ପାସ ନ କରି ଆଜି ବିରୋଧ କରୁଛନ୍ତି। ବିଜେଡି ବି ପଞ୍ଚାୟତ ସ୍ତରରେ ମହିଳାଙ୍କୁ ସଂରକ୍ଷଣ କଥା କହି ବାହା ବାହା ନେଉଛି। ବିଧାୟକ କିମ୍ବା ସାଂସଦ କଥା ଆସିଲା ବେଳେ ପଛ ଘୁଞ୍ଚା କାହିଁକି ? ମହିଳାଙ୍କୁ ସଂରକ୍ଷଣ ମିଳିଲେ ବଡପଣ୍ଡାମାନଙ୍କର ସଂରକ୍ଷଣର ଅଧିକାର କ୍ଷୁର୍ଣ୍ଣ ହୁଏ ନାହିଁ । ଯେ ପର୍ଯ୍ୟନ୍ତ ମହିଳାଙ୍କୁ ବିଧାନସଭା କି ସଂସଦକୁ ପଠାଉନାହାନ୍ତି ତାଙ୍କୁ ଉଚିତ ସମ୍ମାନ ମିଳିନାହିଁ। ଭାରତର ରାଷ୍ଟ୍ରପତି ଜଣେ ମହିଳା, ଓଡିଶାର ଉପମୁଖ୍ୟମନ୍ତ୍ରୀ ବି ମହିଳା, ବାଚସ୍ପତି ବି ମହିଳା। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ୯ ଥର ବଜେଟ ଉପସ୍ଥାପନା କରିଛନ୍ତି। ନାରୀ ଶକ୍ତି ବନ୍ଦନମର ଆବଶ୍ୟକତା ଅଛି। ବିରୋଧୀ ଏଥିରେ ବ୍ରେକ ଲଗାଇଛନ୍ତି, ଯାହାର ଉଚିତ ଜବାବ ଦେବେ ମହିଳା।



ବିରୋଧୀ ଦଳ ନେତାଙ୍କ ଚିଠି ଲେଖି ମୋତେ ଉତ୍ତର ମାଗିଥିଲେ। ତାଙ୍କ ଆଶଙ୍କା ନିରର୍ଥକ। ସିଟ ବୃଦ୍ଧି ହେଲେ ଓ ମହିଳା ସଂରକ୍ଷଣ ବିଲ ପାରିତ ହେଲେ ଓଡିଶା ବି ଅନ୍ୟ ରାଜ୍ୟ ଭଳି ସମାନ ଅଧିକାର ପାଇଥାନ୍ତା। କଥାରେ ଅଲଗା କାମରେ ଅଲଗା। ବିରୋଧୀ ମତାମତ ଦିଅନ୍ତୁ। ଗୃହରେ ନାରୀ ଶକ୍ତି ନେଇ ଆଲୋଚନା ହେଉ ।

ଅନ୍ୟପଟେ ବିରୋଧୀଙ୍କୁ ଶାଣିତ ସ୍ୱରରେ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି ଯେ, ମୁଁ ସ୍ୱତନ୍ତ୍ର ଅଧିବେଶନ ପାଇଁ ଚିଠି ଲେଖି ସାରିଛି । ମହିଳାଙ୍କ କଙ୍କାଳ ମାଟି ତଳୁ ବାହାରକରି ବ୍ୟାଙ୍କରେ ପ୍ରମାଣ ଦେବା ଏ କିଭଳି ମହିଳା ସଶକ୍ତିକରଣ । ଡବଲ ଇଂଜିନ ସରକାରରେ ବ୍ୟାଙ୍କ କେନ୍ଦ୍ର ସରକାରଙ୍କ ଅଧୀନରେ ଆସୁଛି । ଆମେରିକା ଲେଖିଲା ପର୍ଯ୍ୟଟକ ଓଡ଼ିଶା ଯାଆନ୍ତୁନାହିଁ, ମହିଳା ଅସୁରକ୍ଷିତ । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମାଟି ତଳୁ ମହିଳାଙ୍କ କଙ୍କାଳ ବାହାରିବା ଘଟଣା । ବିଜୁ ବାବୁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେଇଥିଲେ । ୨୦୦୦ ମସିହାରେ ମୋ ସରକାର ୫୦% ସଂରକ୍ଷଣ ଦେଇଥିଲା । ମିଛ ଅପପ୍ରଚାର କରୁଛି ବିଜେପି । ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଏବଂ ସମସ୍ତ ସାଂସାଦଙ୍କୁ ଚିଠି ଲେଖିଛି । ସୀମା ନିର୍ଦ୍ଧାରଣ ବିଲ ରାଜ୍ୟର ରାଜନୈତିକ ଅଧିକାରୀ କମେଇବ । ମତେ ବିରୋଧୀ ଦଳ କହିଲେ ଓଡ଼ିଆରେ କହିବା ପାଇଁ ମୁଁ କହୁଛି ଶୁଣନ୍ତୁ । ଓଡ଼ିଶା ବାସୀଙ୍କୁ ମୁଁ ଭରସା ଦେଉଛି ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାର ହକକୁ କେହି ବଞ୍ଚିତ କରିପାରିବେ ନାହିଁ । ଓଡ଼ିଶାର ବିଜେପି ବିଧାୟକମାନେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, କାନ୍ଦଣା ବନ୍ଦ କରନ୍ତୁ ।

## ମେ’ ୨ରେ ମାଟ୍ରିକ ପରୀକ୍ଷାଫଳ

କଟକ,୩୦।୪: ଆସନ୍ତା ମେ ୨ରେ ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ। ସେହିଦିନ ମଧ୍ୟମା, ଓପନ ସ୍କୁଲ ପରୀକ୍ଷା ଫଳ ବି ପ୍ରକାଶ ହେବ। ମେ ୨ ଅପରାହ୍ଣ ୪ଟାରେ bseodisha.nic.inରେ ଉପଲବ୍ଧ ହେବ ପରୀକ୍ଷା ଫଳ । ଏକ ପ୍ରେସ୍ ରିଲିଜ୍ ଜରିଆରେ ଗୁରୁବାର ଏହି ସୂଚନା ଦେଇଛି ମାଧ୍ୟମିକ ଶିକ୍ଷା ପରିଷଦ। ରେଜଲ୍ଟ ବାହାରିବା ପରେ ସଙ୍ଗେ ସଙ୍ଗେ



ମିଳିବ ମୂଳ ସାର୍ଟିଫିକେଟ୍ । ଯେଉଁମାନେ ପରୀକ୍ଷାରେ ବିଫଳ ହେବେ ସେମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ । ସୂଚନାଯୋଗ୍ୟ, ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୨ ଯାଏ ଚାଲିଥିଲା । ମଧ୍ୟମା ଓ ଓପନ ସ୍କୁଲ ପରୀକ୍ଷା ମଧ ସେହି ସମୟ ମଧରେ ହୋଇଥିଲା । ପରୀକ୍ଷାକୁ ଶୃଙ୍ଖଳିତ ଭାବରେ ସାରିବା ଓ କପି ମୁକ୍ତ କରିବା ବଡ ଆହ୍ୱାନ ଥିଲା । ସେଥିପାଇଁ ସ୍ପେଶାଲ ସ୍କ୍ୱାଡ୍ ଗଠନ କରିଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ପରୀକ୍ଷା କେନ୍ଦ୍ର ଗୁଡିକୁ ସ୍କ୍ୱାଡ୍ ସରପ୍ରାଇଜ ଭିଜିଟ କରିଥିଲେ । ନୋଡାଲ ସେଣ୍ଟର ସହ ପରୀକ୍ଷା କେନ୍ଦ୍ରଗୁଡିକ ସିସିଟିଭି ସର୍ଭେଲାନ୍ସରେ ରହିଥିଲା। କଣ୍ଟ୍ରୋଲ ରୁମ୍‌ରୁ ସ୍ୱତନ୍ତ୍ର ଭାବରେ ମନିଟରିଂ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ

### ରାଜଧାନୀରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା

ଭୁବନେଶ୍ୱର,୩୦।୪: ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଏହି ତାଣ୍ଡବରେ ଜନଜୀବନ କ୍ଷତିଗ୍ରସ୍ତ ହେବା ସହ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିବା ଦେଖିବାକୁ ମିଳିଛି । ସେହିପରି ରାଜଧାନୀରେ ସଂଧ୍ୟାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା । ସନ୍ଧ୍ୟାରେ ହଠାତ ପାଗରେ ପରିବର୍ତ୍ତନ ହୋଇଥିଲା । ଆକାଶରେ କଳାହାଣ୍ଡିଆ ବାଦଲ ସହ ମାଡ଼ି ଆସିଲା ବର୍ଷା ପବନ। ଗତ କିଛିଦିନ ଧରି ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା । କିଛି ଦିନ ପରେ ତାତିରେ ଲାଗିଲା ବ୍ରେକ୍। ଫଳରେ କମିଲା ଗରମ ଓ ଗୁଳୁଗୁଳି। ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନ ଅନୁଭୂତ ହେଉଛି।

### ‘ଦିନଲିପି’ର ଅଭିନନ୍ଦନ

ଚନ୍ଦନ ପୂର୍ଣ୍ଣିମା ଓ ବୁଦ୍ଧ ଜୟନ୍ତୀ ଅବସରରେ ‘ଦିନଲିପି’ ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ।

- ସଂପାଦକ

### ‘ଦିନଲିପି’ର ଛୁଟି

୧ ମଇ ଶ୍ରମିକ ଦିବସ ଉପଲକ୍ଷେ ‘ଦିନଲିପି’ର ପ୍ରେସ ଓ କାର୍ଯ୍ୟାଳୟ ବନ୍ଦ ରହିବ। ‘ଦିନଲିପି’ର ପରବର୍ତ୍ତୀ ସଂସ୍କରଣ ୨ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ।

- ପରିଚାଳକ

## ବରଗୀ ଡ୍ୟାମରେ ଡଙ୍ଗାବୁଡ଼ି ୬ ମୃତ: ଅନେକ ନିଖୋଜ

ଜବଲପୁର(ମଧ ପ୍ରଦେଶ),୩୦।୪: ମଧପ୍ରଦେଶର ଜବଲପୁରରେ ବରଗି ଡ୍ୟାମ୍‌ରେ ଗୁରୁବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଖୁବ୍ ଜୋରରେ ଝଡ଼ ତୋଫାନ ହେବାରୁ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା କ୍ରୁଜ୍ ଡ଼ଙ୍ଗା ବୁଡ଼ି ଯାଇଛି। ପ୍ରାରମ୍ଭିକ ତଦନ୍ତ ମୁତାବିକ , କ୍ରୁଜରେ ୩୦ରୁ ଅଧିକ ଲୋକ ବସିଥିଲେ। ଏଥିରୁ ୧୫ ଜଣ ପହଁରି ପହଁରି ବାହାରକୁ ଆସିଥିଲେ, ଏବେସୁଦ୍ଧା ୬ଟି ମୃତଦେହ ମିଳିଛି, ୧୫ ଜଣଙ୍କୁ ଅଧିକ ଲୋକ ନିଖୋଜ ଥିବାର କୁହାଯାଉଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଖମରିଆ ଟାପୁ ନିକଟରେ ହଠାତ୍ ଆସିଥିବା ଜୋରରେ ଝଡ଼ ତୋଫାନ କାରଣର କ୍ରୁଜ୍ ଡ଼ଙ୍ଗା ସନ୍ତୁଳନ ହରାଇ ବସିଥିଲା ଏବଂ ବୁଡ଼ି ଯାଇଥିଲା। ଘଟଣାର ସୂଚନା ମିଳିବା କ୍ଷଣି ବରଗୀ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଏସଡିଆରଏଫ୍‌ର ଟିମ୍ ମଧ ରେସ୍କ୍ୟୁ ଅପରେସନ ଆରମ୍ଭ କରି ଦେଇଛି ଏବଂ ନିଖୋଜ ଲୋକଙ୍କ ତଲାସୀ ଜାରି ରହିଛି। ବରଗୀ ସହରର ପୁଲିସ ଅଧିକାରୀ (ସିଏସପି) ଅଞ୍ଜୁଳ ମିଶ୍ରା ଦୁର୍ଘଟଣାର ସୂଚନା ଦେଇ କହିଛନ୍ତି ଯେ, ୪ଟି ମୃତଦେହ ମିଳିଛି ଏବଂ ଆଉ ୧୮ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି, ୧୫ରୁ ୧୮ ଜଣ ଏବେ ମଧ ନିଖୋଜ ଅଛନ୍ତି। ଅଧିକାରୀ କହିଛନ୍ତି ଯେ, ହଠାତ୍ ଝଡ଼ ତୋଫାନ କାରଣରୁ ଡ଼ଙ୍ଗାଟି ଓଲଟି ପଡ଼ିଥିଲା। ସେତେବେଳେ ଉକ୍ତ ଡଙ୍ଗାରେ ୩୫-୪୦ ଜଣ ଲୋକ ବସିଥିଲେ। ସେ କହିଛନ୍ତି ଅବଶିଷ୍ଟ ଲୋକଙ୍କ ରକ୍ଷା କରିବା ପାଇଁ ଉଦ୍ଧାର ଏବଂ ସୁରକ୍ଷା ଅଭିଯାନ ଜାରି ରହିଛି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରି କହିଛନ୍ତି-ଜବଲପୁରର ବରଗି ଡ୍ୟାମ୍‌ରେ କ୍ରୁଜ୍ ବୁଡ଼ିବାର ଘଟଣା ଖୁବ୍ ଯନ୍ତ୍ରଣାଦାୟକ। ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତାହତ ହେବାର ଖବର ରହିଛି। ଈଶ୍ୱର ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ। ପ୍ରଶାସନକୁ ଅପିଲ ଯେ, ରେସ୍କ୍ୟୁ ଅପରେସନକୁ ଜୋରଦାର କରନ୍ତି ଏବଂ ନିଖୋଜ ଲୋକଙ୍କୁ ଖୁବ୍ ଶୀଘ୍ର ସୁରକ୍ଷିତ ଉଦ୍ଧାର କରିବାକୁ ଯଥା ସମ୍ଭବ ପ୍ରୟାସ କରାଯାଉ। ପାଣିପାଗ ବିଭାଗର କହିବାନୁସାରେ, ଦୁର୍ଘଟଣା ସମୟରେ ପବନର ବେଗ ପ୍ରାୟ ୪୦ କିଲୋମିଟର ପ୍ରତି ଘଣ୍ଟା ଥିଲା, ଯାହା ଫଳରେ କ୍ରୁଜ୍ ଡ଼ଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା । ଆଗାମୀ କିଛି ଘଣ୍ଟା ମଧରେ ପବନର ବେଗ ୫୦ରୁ ୬୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ପହଞ୍ଚିପାରେ । ପ୍ରବଳ ପବନ ମଧ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି।



## ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ ଟଙ୍କା ଅଧିକ

ଭୁବନେଶ୍ୱର,୩୦।୪: ପୁଣି ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ଟଙ୍କା ଅଧିକ। ଓମଫେଡ୍ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛି ଓମଫେଡ୍ । ଓମଫେଡ୍ ଦୁଗ୍ଧଚାଷୀମାନେ ପୂର୍ବରୁ ଲିଟର ପିଛା ୩୮ ଟଙ୍କା ୦୫ ପଇସା ପାଉଥିଲେ । ଏଣିକି ଲିଟର ପିଛା ୩୯.୦୫ ଟଙ୍କା ଲେଖାଏଁ ପାଇବେ । ଏହି ନୂତନ ବର୍ଦ୍ଧିତ ଦର ମଇ ୧, ୨୦୨୬ ଠାରୁ କାର୍ଯ୍ୟକାରୀ ହେବ ବୋଲି ଓମଫେଡ୍ ପକ୍ଷରୁ କୁହାଯାଇଛି । ଦୁଗ୍ଧ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଓମଫେଡ୍ ପକ୍ଷରୁ ପ୍ରୟାସ ଜାରି ରହିଛି । ଅପରପକ୍ଷେ ଘାସ, ଚାରା, ପିଡ଼ିଆ, ଗୋଖାଦ୍ୟ, ମେଡ଼ିସିନ ଆଦି ଖର୍ଚ୍ଚରେ ବୃଦ୍ଧି, ଦୁଗ୍ଧ ଉତ୍ପାଦନରେ ମଧ ପ୍ରଭାବ ପକାଉଥିବା ଲକ୍ଷ୍ୟକରି ଓମଫେଡ୍ ଦୁଗ୍ଧ କ୍ରୟ ମୂଲ୍ୟରେ ବୃଦ୍ଧି କରିଛି । ଏହା ଫଳରେ ରାଜ୍ୟ ପ୍ରାୟ ୩ଲକ୍ଷ ଓମଫେଡ୍ ଦୁଗ୍ଧ ଚାଷୀ ବିଶେଷ ଭାବେ ଉପକୃତ ହେବେ ।

## ମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ ଆଜି

ରାୟଗଡ଼ା,୩୦।୪: ଶୁକ୍ରବାର ରାୟଗଡ଼ା ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ଏବଂ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତି ରହିବେ । କାର୍ଯ୍ୟକ୍ରମରେ ୮୨୭ଟି ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର କରାଯିବ । ରାୟଗଡା ଜିଲ୍ଲାରେ ୨୭୪ଟି ରାସ୍ତା ନିର୍ମାଣ ହେବ । ଏଥିପାଇଁ ୫୬୨କୋଟି ଟଙ୍କା ବ୍ୟୟ ହେବ । ଏହି ସଡ଼କ ଯୋଗୁଁ ଜିଲ୍ଲାର ୩୧୪ଟି ଜନବସତିକୁ ଯୋଗାଯୋଗ ହୋଇପାରିବ ବୋଲି କୁହାଯାଇଛି । ସେହିପରି ଜିଲ୍ଲାରେ ନୂତନ ଭାବରେ ୫୫୨ କିମି ନୂତନ ରାସ୍ତା ନିର୍ମାଣ ହେବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ରେ ରାୟଗଡ଼ା ଜିଲ୍ଲାରେ ଓଡିଶାର ସର୍ବାଧିକ ପ୍ରକଳ୍ପ ରହିଛ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ।


ସତ୍ୟମେଵ ଜୟତେ

ମଇ ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା-ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-1001/1001/2/26-27/0001

1001/31/2627



ଆନ୍ତର୍ଜାତିକ ଶ୍ରମିକ ଦିବସ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଗୌତମ ବୁଦ୍ଧ, ରାଜକୁମାରରୁ ତପସ୍ୱୀ

ଗୌତମ ବୁଦ୍ଧ ୫୬୩ ଖ୍ରୀଷ୍ଟପୂର୍ବରେ ଲୁମ୍ବିନୀରେ ଶାକ୍ୟ ବଂଶର ରାଜା ଶୁଦ୍ଧୋଧନଙ୍କ ଘରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କର ନାମ ସିଦ୍ଧାର୍ଥ ଗୌତମ ରଖାଯାଇଥିଲା। ବିଳାସପୂର୍ଣ୍ଣ ପରିବେଶରେ ପାଳିତ ହୋଇଥିବା ସିଦ୍ଧାର୍ଥ ଥରେ ତାଙ୍କ ପ୍ରାସାଦ ବାହାରେ ଜଣେ ରୋଗୀ, ବୃଦ୍ଧ ବ୍ୟକ୍ତି ଏବଂ ମୃତ୍ୟୁ ଦେଖିଥିଲେ, ଯାହା ତାଙ୍କୁ ହୃଦୟକୁ ଆନ୍ଦୋଳିତ କରିଥିଲା। ଏହା ପରେ, ସିଦ୍ଧାର୍ଥ ରାଜପ୍ରାସାଦ ଛାଡି ଜୀବନର ପ୍ରକୃତ ସତ୍ୟକୁ ବୁଝିବା ପାଇଁ ଯାତ୍ରା ଆରମ୍ଭ କରିଥିଲେ।

## ୬ ବର୍ଷର କଠୋର ତପସ୍ୱୀ

ଗୌତମ ବୁଦ୍ଧ ସମସ୍ତ ସୁବିଧା ତ୍ୟାଗ କରି ଜ୍ଞାନ ପ୍ରାପ୍ତି ପାଇଁ ତପସ୍ୱୀ ଆରମ୍ଭ କରିଥିଲେ। ସେ ଛଅ ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୱୀ ଥିଲେ, ଭୋକ ଓ ତୃଷାର୍ତ୍ତ ରହିଥିଲେ। କୁହାଯାଏ ଯେ ସେ ଛଅ ବର୍ଷ ପର୍ଯ୍ୟନ୍ତ ଖାଦ୍ୟରୁ ଦୂରେଇ ରହିଥିଲେ। ଆସନ୍ତୁ ଜାଣିବା ଏହା ସତ୍ୟ କି ନାହିଁ।

## ବୁଦ୍ଧ ଛଅ ବର୍ଷ ପର୍ଯ୍ୟନ୍ତ ଖାଦ୍ୟ ଖାଇ ନଥିଲେ !

କିମ୍ବଦନ୍ତୀ ଅନୁସାରେ, ଗୌତମ ବୁଦ୍ଧ ତାଙ୍କ କଠୋର ତପସ୍ୱୀ ସମୟରେ ଛଅ ବର୍ଷ ପର୍ଯ୍ୟନ୍ତ ଖାଦ୍ୟରୁ ଦୂରେଇ ରହିଥିଲେ। ତଥାପି, ଏହାର ଅର୍ଥ ନୁହେଁ ଯେ ସେ ଖାଦ୍ୟ ଏବଂ ପାନୀୟକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିଥିଲେ। ବରଂ, ଗୌତମ ବୁଦ୍ଧ ତାଙ୍କ ତପସ୍ୱୀ ସମୟରେ ସେ ଖାଇଥିବା ଖାଦ୍ୟର ପରିମାଣକୁ ସୀମିତ ଏବଂ ହ୍ରାସ କରିଥିଲେ।

## ସେ ଗୋଟିଏ ଧାନ ଚାଉଳ ଖାଇଥିଲେ

କିମ୍ବଦନ୍ତୀ ଅନୁସାରେ, ଗୌତମ ବୁଦ୍ଧ ତାଙ୍କ ତପସ୍ୟା ସମୟରେ ଧୀରେ ଧୀରେ ତାଙ୍କର ଖାଦ୍ୟ ଗ୍ରହଣ ହ୍ରାସ କରିଥିଲେ, ଯେପର୍ଯ୍ୟନ୍ତ ଗୋଟିଏ ସମୟରେ ସେ କେବଳ ଗୋଟିଏ ଧାନ ଚାଉଳ ଖାଇଥିଲେ। ଏହା ତାଙ୍କ ଶରୀରକୁ ଦୁର୍ବଳ କରିଦେଇଥିଲା।

## ବୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଅନୁଭବ କରିଥିଲେ

ଯେତେବେଳେ ବୁଦ୍ଧ କଠୋର ତପସ୍ୟା ପରେ ମଧ୍ୟ ଜ୍ଞାନ ପ୍ରାପ୍ତ କରିବାରେ ବିଫଳ ହେଲେ, ସେ ଅନୁଭବ କଲେ ଯେ ଅତ୍ୟଧିକ ଦୁଃଖ କଷ୍ଟ ଅପେକ୍ଷା ଜୀବନରେ ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନରେ ସନ୍ତୁଳନର ପଥ ସଠିକ୍ ବୋଲି ପ୍ରମାଣିତ ହୁଏ।



# ଲକ୍ଷ୍ୟ ହେଉ: ପ୍ରତି ମୁହୂର୍ତ୍ତରେ

ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ । ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ ଅଟେ ।

# ଭଗବାନଙ୍କୁ ସ୍ମରଣ



ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହାହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇବା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍‌ଭ୍ରାନ୍ତ କରେ। ଫଳତଃ ସେ ଭୁଲବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତାର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ରାମ' କହିବା ଶିଖେଇ ଦେଇପାରିବା । ଯଦି ଆମେ ତାର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତାର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ । ସେହିପରି,ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ । ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ । ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ । ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହାହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ । ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ । ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ ଅଟେ । ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ । ମନ ଭଗବାନଙ୍କର ଚିନ୍ତନ କରିବା ପାଇଁ ବ୍ୟକ୍ତିର ଅନ୍ତଃକରଣ ଭଗବାନଙ୍କଠାରେ ସଂଯୁକ୍ତ ରହିବା ଆବଶ୍ୟକ । ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ । ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ । ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ ।

*-ଡକ୍ଟର ଅମୂଲ୍ୟ କୁମାର ପଣ୍ଡା. ମୋ:୯୯୩୮୯୦୬୦୭୦*

# -ସୀତାଙ୍କ ସ୍ୱୟମ୍ବର-




ସୀତାଙ୍କ ସ୍ୱୟଂବର ସଭାର ମୁହୂର୍ତ୍ତ ନିକଟ ହେଇ ଆସୁଥାଏ। ସବୁଠାରେ ଆନନ୍ଦ ଉଲ୍ଲାସର ବାତାବରଣ। ମିଥିଳାର ରାଜଦାଣ୍ଡଠୁ ଆରମ୍ଭ କରି ରାଣୀ ଅନ୍ତପୁର ଯାଏଁ ଅତି ସୁନ୍ଦର ଭାବରେ ସଜ୍ଜିତ ହୋଇଥାଏ। ରାଜାମାନଙ୍କର ଆଗମନରେ ରଥର ଘର୍ଘର୍ ନାଦ, ହାତୀ ଘୋଡାଙ୍କର ଧ୍ୱନି ତଥା ଜନ କୋଳାହଳରେ ପୂରି ଉଠୁଥାଏ ରାଜପଥ। ଦ୍ୱାରେ ଦ୍ୱାରେ ଚିତ୍ରିତ ପୂର୍ଣ୍ଣକୁମ୍ଭ, କଦଳୀ ବୃକ୍ଷ ଓ ପୁଷ୍ପମାଳ ଶୋଭାକୁ ବଢାଉଥାଏ। ମନ୍ତ୍ରୀ ପାରିଷଦ ଗଣ ଅତ୍ୟନ୍ତ ନିଷ୍ଠାର ସହିତ ସମସ୍ତଙ୍କ ସେବା କରୁଥାନ୍ତି। ପ୍ରଜାଗଣ ମଧ୍ୟ ଉତ୍ସାହ ସହକାରେ କାର୍ଯ୍ୟରେ ଲାଗି ପଡିଥାନ୍ତି। ସ୍ୱୟମ୍ବର ସମୟରେ ସୁନ୍ଦର ସୁସଜ୍ଜିତ ସଭାସ୍ଥଳରେ ଶିବ ପିନାକ ଧନୁ ପଟ୍ଟବସ୍ତ୍ର ଶୋଭିତ ପୁଷ୍ପମଣ୍ଡିତ ହୋଇ ପୂଜାର୍ଚ୍ଚନା ପରେ ବିରାଜିତ ହେଲା। ଉପସ୍ଥିତ ସମସ୍ତ ସଭାସଦ ରାଜନବର୍ଗ ଉତ୍କଣ୍ଠାର ସହିତ ସେହି ଧନୁକୁ ଚାହିଁ ରହିଲେ। ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇ ନିଜ କନ୍ୟା ସୀତାଙ୍କ ସ୍ୱୟଂବର ବିଷୟ ଓ ସେଥିପାଇଁ କରିଥିବା ପଣ ବିଷୟରେ ସମସ୍ତଙ୍କୁ ଅବଗତ କରାଇଲେ ରାଜା ଜନକ। ସଭା ମଧ୍ୟରେ ଥିବା ଶିବଧନୁକୁ ଯେଉଁ ବୀର ହାତରେ ଧରି ସେଥିରେ ଗୁଣ ଚଢ଼ାଇ ପାରିବେ, ତାଙ୍କୁ ସୀତା ପତି ରୂପେ ବରଣମାଳା ପ୍ରଦାନ କରିବେ। ଏହାଶୁଣି ଅନେକ ପରାକ୍ରମୀ ଓ ଅହଂକାରୀ ରାଜା ଧନୁ ନିକଟକୁ ସଦର୍ପେ ଜଣ ଜଣ ହୋଇ ଯାଇ ଧନୁ ଉଠାଇବାକୁ ଚେଷ୍ଟା କଲେ।

# ନିଷ୍କାମ ଭକ୍ତ-ଭକ୍ତି-ଭଗବାନ



*ଦିନେ ବନବାସୀ ଋଷିଙ୍କୁ କହିଥିଲେ- 'ମୁଁ ଶୁଣିବାକୁ ପାଉଛି ଭଗବାନ ଶ୍ରୀକୃଷ୍ଣ ଏହି ଜଙ୍ଗଲକୁ ଆସୁଛନ୍ତି। ଯଦି ସେ ସାକ୍ଷାତ କରିବାକୁ ଆପଣଙ୍କ ଦ୍ୱାରକୁ ଆସନ୍ତି, ତେବେ ତାଙ୍କୁ ମୋର କୁଟୀରକୁ ଯିବା ପାଇଁ କହିବେ।'*





ଘୋର ଜଙ୍ଗଲ ମଧ୍ୟରେ ତପସ୍ୟା କରୁଥିବା ଋଷି ଶାକଲ୍ୟ ଅଧିକାଂଶ ସମୟ ସମାଧିସ୍ଥ ଅବସ୍ଥାରେ ରହୁଥିଲେ। ଜଣେ ବନବାସୀ ତାଙ୍କ ସମ୍ମୁଖରେ ପ୍ରତ୍ୟହ କିଛି ସମିଧ, ଜଙ୍ଗଲୀ ଫଳମୂଳ, ଫୁଲ ଆଦି ସଂଗ୍ରହ କରି ରଖିଦେଇ ଯାଉଥାନ୍ତି ପ୍ରତ୍ୟୁଷରୁ। ଋଷି ପୂଜାର୍ଚ୍ଚନା,ଖାଦ୍ୟ ସଂଗ୍ରହରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ- ଏହା ଦୃଷ୍ଟିରେ ରଖି ବନବାସୀ ସେବାଭାବାପନ୍ନ ହୋଇ ଏହା କରୁଥିଲେ। ଋଷି ଅନୁମାନ କରିନେଲେ କେହି ଜଣେ ସଦୟ ହୋଇ ତାଙ୍କର ସେବା କରୁଛନ୍ତି। ଦିନେ ବିବିଧ ସାମଗ୍ରୀ ରଖି ବନବାସୀ ନୀରବରେ ଚାଲିଯାଉଥିଲାବେଳେ ଋଷିଙ୍କ ନଜରରେ ପଡ଼ିଥିଲେ। ପାଖକୁ ଡାକି କହିଥିଲେ- 'ବତ୍ସ ! ମୁଁ ତୁମର ସେବାରେ ପ୍ରୀତ। ଯଦି କିଛି ଇଚ୍ଛା ଅଛି ପ୍ରାର୍ଥନା କରିପାର। ମୁଁ ତାହା ପୂରଣ କରିବି।' ବନବାସୀ ନମ୍ର ଭାବରେ କହିଥିଲେ- 'ଭଗବନ୍ ! ମୋର ଏକମାତ୍ର ଇଚ୍ଛା ହେଲା ସମଗ୍ର ସଂସାରର ପାଳନକର୍ତ୍ତା ହୋଇଥିବାରୁ ଈଶ୍ୱର ଥକି ପଡ଼ିବେଣି। କେତେ ଦାୟିତ୍ୱ ମୁଣ୍ଡେଇଛନ୍ତି। ଯଦି ସେ ସର୍ବଦା ପ୍ରସନ୍ନ ରହନ୍ତେ, ତେବେ ଥକି ପଡ଼ିବେ ନାହିଁ କି କ୍ଲାନ୍ତିବୋଧ କରିବେନି। ମୁଁ ଚାହୁଁଛି ସେ ସର୍ବଦା ପ୍ରସନ୍ନ ରୁହନ୍ତୁ, ଏହା ମୋ ପକ୍ଷରୁ ତାଙ୍କୁ କହିବେ।' ଗୋଟିଏ ବନବାସୀର ଏଭଳି ଅଦ୍ଭୁତ ଭକ୍ତିଭାବ ଦେଖି ଋଷି ଅବାକ୍ ହୋଇଯାଇଥିଲେ। ଆଶ୍ୱାସନା ଦେଇ କହିଥିଲେ ମୁଁ ତୁମ ମନକଥା ପ୍ରଭୁଙ୍କୁ କହିବି। ଦିନେ ବନବାସୀ ଋଷିଙ୍କୁ କହିଥିଲେ- 'ମୁଁ ଶୁଣିବାକୁ ପାଉଛି ଭଗବାନ ଶ୍ରୀକୃଷ୍ଣ ଏହି ଜଙ୍ଗଲକୁ ଆସୁଛନ୍ତି। ଯଦି ସେ ସାକ୍ଷାତ କରିବାକୁ ଆପଣଙ୍କ ଦ୍ୱାରକୁ ଆସନ୍ତି, ତେବେ ତାଙ୍କୁ ମୋର କୁଟୀରକୁ ଯିବା ପାଇଁ କହିବେ।' ସ୍ଥୂଳବୁଦ୍ଧିରେ ନିରୀହ ବନବାସୀ ଏ କଥା ଋଷିଙ୍କୁ କହିଦେଲା ସିନା, ପରମୁହୂର୍ତ୍ତରେ ମନକୁ ଆସିଲା ଭଗବାନ ମୋର କୁଟୀରକୁ କାହିଁକି ଆସିବେ, ତାଙ୍କର ବା ମୋଠାରେ କ'ଣ କାମ? ସେ ତ ଦୁନିଆଯାକର ଜଞ୍ଜାଳ ମୁଣ୍ଡାଇଛନ୍ତି, ତାଙ୍କୁ କୋଉଠୁ ତର ହେବ ଯେ ଆସିବେ। ହେଲେ ବନବାସୀର ଆଶ୍ଚର୍ଯ୍ୟର ସୀମା ନଥିଲା ଯେତେବେଳେ ସେ ଦେଖିଲା ପରବର୍ତ୍ତୀ ଦିନ ଭଗବାନ ସ୍ୱୟଂ ତା'ର କୁଟୀରର ଦ୍ୱାର ଦେଶରେ ଉଭା ହୋଇ ମୃଦୁମନ୍ଦ ହସୁଛନ୍ତି। ଭାବବିଭୋର ହୋଇ ବନବାସୀ ତାଙ୍କର ଦୁଇ ପାଦକୁ ଧରି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲା। ଭଗବାନ ବନବାସୀ ଉଦ୍ଦେଶ୍ୟରେ କହିଥିଲେ- 'ଋଷି ଶାକଲ୍ୟ ମୋତେ କହିଲେ ଯେ ମୋର କଷ୍ଟ ଅନୁଭବ କରି ତୁମେ ବହୁତ ଚିନ୍ତିତ। ଏହି କାରଣରୁ ତୁମର ସାନ୍ନିଧ ପାଇବା ନିମନ୍ତେ ମୁଁ ତୁମ ନିକଟକୁ ଆସିଛି। ତୁମର ଧାରଣା ଭୁଲ। ପ୍ରକୃତରେ ମୁଁ ସଂସାରର ପାଳନକର୍ତ୍ତା ଭାବରେ ମୋ ଦାୟିତ୍ୱ ନିର୍ବାହ କରୁଛି ମାତ୍ର।' ପ୍ରକୃତପକ୍ଷେ ଯିଏ ବନବାସୀ ସଦୃଶ ଭଗବାନଙ୍କ ଧ୍ୟାନ ନିଷ୍କାମ ଭାବରେ କରିଥାଆନ୍ତି ଭଗବାନ ପ୍ରତି କ୍ଷେତ୍ରରେ ତାଙ୍କର ସହଯୋଗୀ ହୋଇଯାଇଥାନ୍ତି, ତାଙ୍କ ପ୍ରତି ନିଘା ରଖିଥାନ୍ତି।

## ବଞ୍ଚିବାର ନୂଆ ସୂତ୍ର ଦିଅନ୍ତି

# -ଗୁରୁ-

### କଥାରେ ଅଛି -'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର'



ବାସ୍ତବିକ୍ ଏହି ପଦର ଯଥାର୍ଥତା ରହିଛି । ଗୁରୁ ହେଉଛନ୍ତି ଏହିପରି ଜଣେ ଯୋଗଜନ୍ମା ଯିଏ ଆମକୁ ଆମ ସହ ପରିଚିତ କରାନ୍ତି । ଜୀବନ ବଞ୍ଚିବାର ସୂତ୍ର ଦିଅନ୍ତି । 'ଗୁରୁ' ସଂଜ୍ଞାଟି ସେହି ବ୍ୟକ୍ତି ପାଖେ ଶୋଭାପାଏ ଯିଏ ଆମକୁ ବଞ୍ଚିବାର ନୂଆ ସୂତ୍ରଟିଏ ଦିଅନ୍ତି । ଗୁରୁ ବିଭିନ୍ନ ପ୍ରକାରର ଅଛନ୍ତି ଯଥା: ଶିକ୍ଷା ଗୁରୁ , ଦୀକ୍ଷା ଗୁରୁ , ଯୋଗ ଗୁରୁ , ଆଧ୍ୟାତ୍ମିକ ଗୁରୁ , ଧର୍ମ ଗୁରୁ ଇତ୍ୟାଦି । ବାପା ମାଆ ହେଉଛନ୍ତି ଆମର ପ୍ରଥମ ଗୁରୁ ଯାହାଙ୍କ ଆଶିଷରେ ଆମେ ଭୂମିଷ୍ଠ ହେବାର ସୁଯୋଗ ପାଇଛେ । ତା ପରେ ଆସିବେ ଶିକ୍ଷା ଗୁରୁ ଯିଏ ଆମ ଅଜ୍ଞାନତାର ଦ୍ୱାରକୁ ଉନ୍ମୁକ୍ତ କରି ସେଠାରେ ଜ୍ଞାନର ଆଲୋକ ବର୍ତ୍ତିକାକୁ ପ୍ରଜ୍ୱଳନ କରିଛନ୍ତି । ସେହି ଶିକ୍ଷା ଗୁରୁଙ୍କ ମଧ୍ୟରୁ ମତେ ପ୍ରଭାବିତ କରିଥିବା ଜଣେ ଅନନ୍ୟ ଗୁରୁଙ୍କ ବିଷୟରେ ନିଜର ହୃଦୟାନୁଭୂତିକୁ ଏଠାରେ ବାଢ଼ିବାକୁ ଚାହିଁବି । +୨ ପାଠ ପଢ଼ା ସାରିବା ପରେ ମୁଁ ଜଗତସିଂହପୁର ଜିଲ୍ଲାର ଏକ ମହାବିଦ୍ୟାଳୟରେ ସ୍ନାତକ ପାଠ୍ୟକ୍ରମରେ ଯୋଗ ଦେଲି । ପ୍ରାରମ୍ଭରେ ପ୍ରାଣୀବିଜ୍ଞାନ ବିଷୟ ନେବାପାଇଁ ଇଚ୍ଛାଥିଲା କିନ୍ତୁ ମତେ ଉଦ୍ଭିଦ ବିଜ୍ଞାନ ବିଭାଗରେ ପଢ଼ିବା ପାଇଁ ସୁଯୋଗ ମିଳିଲା । ସେତେବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ସାର୍ ଦେଖିବା ପାଇଁ ଯେତିକି ଶାନ୍ତ ଓ ସରଳ ପାଠ ପଢ଼ାରେ ସେତିକି ଦୃଢ଼ ସଂକଳ୍ପୀ । ମନେ ପଡ଼େ ସ୍ନାତକ ପ୍ରଥମ ଦିନ କ୍ଲାସର ଅନୁଭୂତି । ସାର୍‌ଙ୍କୁ ଆଗଭର ହୋଇ ଗୋଟିଏ ଶବ୍ଦର ଉଚ୍ଚାରଣ ଭୁଲ୍ କହିଦେଇଥିଲି ବୋଲି ମତେ ଶ୍ରେଣୀରେ ଛିଡ଼ା କରାଇ ଭୀଷଣ ପାଟି କରିଥିଲେ । ପରବର୍ତ୍ତୀ ସମୟରେ ଦିନେ ମୋତେ କହିଥିଲେ କାହିଁକି ଆମେ ପାଠ ପଢୁଛେ ? ସ୍ନାତକ ପରେ ଜୀବନର ଗତି କେଉଁଆଡ଼େ ହେବ ? ଏହି ସବୁ କଥାକୁ ନିଜର ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ବୁଝାଇଲେ । ସେଦିନ ଘରକୁ ଆସି ମୁଁ ଆଉ ଶୋଇ ପାରିଲି ନାହିଁ । ସାର୍‌ଙ୍କ ସେହି ବାଣୀ ବାରମ୍ବାର ମୋ କାନରେ ପ୍ରକମ୍ପିତ ହେଲା । ଯେଉଁ ଉଦ୍ଭିଦ ବିଜ୍ଞାନ ପ୍ରତି ରୁଚି ନଥିଲା ତାହା ସବୁଠୁ ପ୍ରିୟ ବିଷୟ ପାଲଟିଗଲା । ତା ପରଠାରୁ ସାର୍‌ଙ୍କ ମାର୍ଗଦର୍ଶନ ମତେ ଆଶୀର୍ବାଦ ଭଳି ଘେରି ରହିଲା । ଯେତେବେଳେ ସାରଙ୍କ ପାଖକୁ ପାଠ ବୁଝିବାକୁ ଯାଉଥିଲି ସେ ମତେ ଖାଇବା ପିଇବା ଭୁଲି ପାଠ ବୁଝାଉଥିଲେ । ତାହାହିଁ ମୋତେ ଆଗକୁ ବଢ଼ିବାକୁ ଇନ୍ଧନ ଯୋଗାଇ ଦେଇଥିଲା । ଆଜି ସମୟ ଚକ୍ରରେ ଯୋଡ଼ି ହୋଇ ମୁଁ ଉଦ୍ଭିଦ ବିଜ୍ଞାନ ବିଭାଗର ଜଣେ ଅଧ୍ୟାପକ ଭାବେ କାମ କରୁଛି । ଯିଏ ମତେ ମଣିଷଟିଏ ହେବାପାଇଁ ଆଶିଷ ପ୍ରଦାନ କରିଛନ୍ତି ସେହି ଗୁରୁଙ୍କୁ ମୋର ମଥାନତ ପ୍ରଣାମ । ପ୍ରତିଟି ଜନ୍ମରେ ଏମିତି ଗୁରୁ ଆସୁଥାନ୍ତୁ ଏବଂ ଜୀବନକୁ ପରିପୂର୍ଣ୍ଣ କରୁଥାନ୍ତୁ।



*-ଅଧ୍ୟାପକ ରାଜେଶ୍ ରାୟ, ମୋ: ୬୩୭୧୫୫୫୯୪୦*

# ବଦ୍ରିନାଥ



**ଅବସ୍ଥାନ:** ଉତ୍ତରାଖଣ୍ଡର ହିମାଳୟ ପର୍ବତରେ, ଅଲକାନନ୍ଦା ନଦୀ କୂଳରେ।
**ଦେବତା:** ଭଗବାନ ବିଷ୍ଣୁ, ଯିଏ ଏଠାରେ ବଦ୍ରୀନାରାୟଣ ରୂପେ ପୂଜିତ।
**ମହତ୍ତ୍ୱ:** ବଦ୍ରିନାଥ ମନ୍ଦିର ଚାରିଧାମ ଯାତ୍ରାର ପ୍ରମୁଖ ସ୍ଥାନ ଏବଂ ଏହା ୧୦୮ ଦିବ୍ୟ ଦେଶମ୍‌ରୁ ଗୋଟିଏ। ଏହା ପାଞ୍ଚଟି ବଦ୍ରି ମନ୍ଦିର ମଧ୍ୟରୁ ପ୍ରଧାନ। ପୁରାଣ ଅନୁସାରେ, ଭଗବାନ ବିଷ୍ଣୁ ଏଠାରେ ତପସ୍ୟା କରିଥିଲେ ଏବଂ ଲକ୍ଷ୍ମୀ ଦେବୀ ତାଙ୍କୁ ବଦ୍ରି (ଜଙ୍ଗଲୀ ଫଳ) ଗଛରେ ଆଶ୍ରୟ ଦେଇଥିଲେ।
**ବିଶେଷତ୍ୱ:** ମନ୍ଦିରଟି ବର୍ଷରେ ମାତ୍ର ୬ ମାସ (ଏପ୍ରିଲ/ମେ'ରୁ ଅକ୍ଟୋବର/ନଭେମ୍ବର) ଖୋଲା ରହେ, କାରଣ ଶୀତକାଳରେ ତୁଷାରପାତ ହୁଏ। ଏହି ସମୟରେ ମୂର୍ତ୍ତିକୁ ଜୋଶୀମଠକୁ ସ୍ଥାନାନ୍ତର କରାଯାଏ। **ଐତିହାସିକ ମହତ୍ତ୍ୱ:** ଆଦି ଶଙ୍କରାଚାର୍ଯ୍ୟ ଏହି ମନ୍ଦିରକୁ ପୁନଃସ୍ଥାପନ କରିଥିଲେ ଏବଂ ଏଠାରେ ଜ୍ୟୋତିର୍ମଠ ସ୍ଥାପନ କରିଥିଲେ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର

କାଶୀନଗର(ନିପ୍ର): କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ ଜି ଏନ ଆର ଜି ଏ ) ଓ ସମଗ୍ର ଶିକ୍ଷା ଅଭିଯାନର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁ ଧର ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗଜପତି ଉପ ଜିଲ୍ଲାପାଳ ଅନୁପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ଯୋଜନା ଗୁଡିକ କିପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଛି ତଥା ବ୍ଲକ ମଧ୍ୟରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ର ସାମୁହିକ ଉନ୍ନତି ବିଷୟରେ ଥିବା ବିବରଣୀର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ପଞ୍ଚାୟତର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ କାନ୍ତ ସାହୁ,ସି ଡ଼ି ପି ଓ, ଶିକ୍ଷା ଅଧିକାରୀ ପ୍ରମୁଖ ମଂଚାସୀନ ହୋଇ ୦୧/୦୪/୨୦୨୫ ରୁ ୩୦/୦୯/୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ଉନ୍ନୟନ ମୂଳକ ଯୋଜନା ଗୁଡିକର ସମୀକ୍ଷା କରି ଜନଶୁଣାଣୀ କରିଥିଲେ। କାର୍ଯ୍ୟକ୍ରମ ରେ ବିଭିନ୍ନ ପଂଚାୟତ ର ସରପଞ୍ଚ, ସମିତି ସଭ୍ୟ, ପି ଆର ଆଇ ସଦସ୍ୟ, ସାଧାରଣ ଜନତା ଉପସ୍ଥିତ ଥିଲେ।

## ଭୟ ଦେଖାଇ ଶାରୀରିକ ସଂପର୍କକୁ 'ସହମତି' କୁହାଯିବନାହିଁ: ହାଇକୋର୍ଟ

କଟକ,(ନିପ୍ର): ନଗ୍ନ ଫଟୋ ଭାଇରାଲ୍ କରିଦେବାର ଭୟ ଦେଖାଇ ଶାରୀରିକ ସଂପର୍କ ରଖିବା ଅର୍ଥ ନୁହେଁ 'ସହମତି'ରେ ସମ୍ପର୍କ ରଖିବା । ଏହା ଦୁଷ୍କର୍ମ । ଏହି ପରିପ୍ରେକ୍ଷୀରେ ନିମ୍ନ ଅଦାଲତଙ୍କ ଦ୍ୱାରା ୧୦ବର୍ଷ ଜେଲ୍ ଦଣ୍ଡ ପାଇଥିବା ଦୁଷ୍କର୍ମ ଆସାମୀ ଶଙ୍କର ବେହେରାର ଦଣ୍ଡାଦେଶକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ କାଏମ୍ ରଖିବା ସହ ଆବେଦନକାରୀର ଅପିଲ୍‌କୁ ଖାରଜ କରି ଦେଇଛନ୍ତି। ୨୦୧୫ ମସିହା ଜୁନ୍ ୭ରେ ଗଞ୍ଜାମ ଥାନାରେ ଏତଲା ଦାଏର ହୋଇଥିଲା କି ଅଢ଼େଇ ବର୍ଷ ତଳେ ଆସାମୀ ପୀଡ଼ିତାଙ୍କୁ କାଜୁ ବଗିଚାରେ ଦୁଷ୍କର୍ମ କରିବା ସହ ନଗ୍ନ ଫଟୋ ଉଠାଇଥିଲା । ପରେ ଗ୍ରାମ୍ୟ କମିଟି ପୀଡ଼ିତାଙ୍କୁ ବିବାହ କରିବାକୁ ତାଙ୍କୁ କହିଥିଲେ । ହେଲେ ସେ ରାଜି ହୋଇନଥିଲେ । ପୁଲିସ୍ ଆସାମୀକୁ ଗିରଫ କରିଥିଲା । ବ୍ରହ୍ମପୁର ପୋକ୍ସୋ ଅଦାଲତ ଆସାମୀକୁ ୧୦ ବର୍ଷ ଜେଲ୍ ଦଣ୍ଡ ଦେଇଥିଲେ । ଏହାକୁ ଚାଲେଞ୍ଜ କରି ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଆବେଦନକାରୀ ପକ୍ଷରୁ ଦର୍ଶାଯାଇଥିଲା ଯେ, ପୀଡ଼ିତାଙ୍କ ସହ ସହମତିରେ ସମ୍ପର୍କ ରହିଥିଲା । ତେଣୁ ଏହାକୁ ଦୁଷ୍କର୍ମ କୁହାଯାଇ ପାରିବନାହିଁ । ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି ।

## ଜିଲ୍ଲାପାଳ ଅଫିସ ଘେରିଲା ଉତ୍କଳ ସାମ୍ବାଦିକ ସଙ୍ଘ

ପୁରୀ,(ନିପ୍ର): ସାମ୍ବାଦିକଙ୍କୁ ପେନସନ ପ୍ରଦାନ,ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ,ସାମ୍ବାଦିକ ଅଧିସ୍ୱୀକୃତି ଗଠନ, ପ୍ରେସ ଏକାଡେମୀ ଗଠନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ୫ ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହିତ ପିତାମାତାଙ୍କୁ ସାମିଲ ଆଦି ବିଭିନ୍ନ ଦାବୀ ନେଇ ଉତ୍କଳ ସାମ୍ବାଦିକ ସଙ୍ଘ ଅନୁବନ୍ଧିତ ପୁରୀଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ପକ୍ଷରୁ ଏକ ପ୍ରତିବାଦ ରାଲି ପୁରୀ ସୁବାଷ ବୋଷ ଛକ ଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ରାଜ୍ୟ ବ୍ୟାପୀ ଦିଆଯାଇଥିବା ଆନ୍ଦୋଳନ ଡାକରାରେ ପୁରୁଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ସାମିଲ ହୋଇ ସାମ୍ବାଦିକ ଅସ୍ୱୀକୃତି କମିଟି ପୁନର୍ଗଠନ, ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ମାସିକ ୧୫ ହଜାର ଟଙ୍କା ପେନସନ, ଓଡ଼ିଶା ପ୍ରେସ ଏକାଡେମୀ ଗଠନ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ମୃତ ସାମ୍ବାଦିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକକେଦାର ନନ୍ଦ, ବିଜୟ କୁମାର ମହାପାତ୍ର, ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଶ୍ରୀ ଜୀଉଙ୍କ ନୃସିଂହ ଅବତାର ବେଶ



କେନ୍ଦ୍ରାପଡ଼ା (ନିପ୍ର): ଆଜି ପବିତ୍ର ନୃସିଂହ ଚତୃର୍ଦ୍ଦଶୀରେ ପ୍ରଭୁ ବଳଦେବଜୀଉଙ୍କ ନୃସିଂହ ଅବତାର ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଙ୍କ ପ୍ରତ୍ୟକ ଦିନ ଭଳି ସନ୍ଧ୍ୟା ନୀତି ସମ୍ପନ୍ନ ପରେ ନୃସିଂହ ଅବତାର ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜୀଉଙ୍କ ମସ୍ତକରେ ମଉଳି ପିନ୍ଧା ଯାଇ ମଣ୍ଡଳ ବନ୍ଧା ଯାଇଥିଲା, ବାହୁ ଚରଣ ଏବଂ ପ୍ରତିକାତ୍ମକ ଭାବେ ପଦ୍ମ ପୁଷ୍ପ ଶ୍ରୀଅଙ୍ଗରେ ଲାଗି କରାଯାଇ ଥିଲା ଓ ଜଗନ୍ନାଥଙ୍କ ପାର୍ଶ୍ୱରେ ଚରଣଚାରି ବାହୁ ସଜ୍ଜିତ ଚତୃଭୁଜ ବେଶ ଏବଂ ମୁଖ ମଣ୍ଡଳ କୁ ନୃସିଂହ ରୂପ ଜଙ୍ଘରେ ହିରନ୍ୟ କସପ କୁ ନିଜ ନଖରେ ନିଦାରଣ କରି ପାର୍ଶ୍ୱରେ ଭକ୍ତ ପ୍ରହଲ୍ଲାଦର ଯୋଡ ହସ୍ତରେ ଦଣ୍ଡାୟମାନ ଏହି ଦୁଲଭ ବେଶ ରତ୍ନ ସିଂହାସନରେ ଅତି ଆକର୍ଷିତ ଥିଲା ଓ ଆଜି ପବିତ୍ର ନୃସିଂହ ଉପାସନା ଥିବାରୁ ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା, ରାତ୍ର ଦଶଟା ବେଳକୁ ଶ୍ରୀ ଜୀଉଙ୍କୁ ବେଶ ଉଲ୍ଲାଗୀ କରାଯାଇ ମହାସ୍ନାନ କରାଯାଇଥିଲା । ଏହାପରେ ଅନ୍ୟ ନୀତି କାନ୍ତି ସମ୍ପନ୍ନ କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିଲା। କାର୍ଯ୍ୟକ୍ରମ ସେବାୟତ ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।

## ଅଚଳ ପାଇପ ସଚଳ ହେଲା



କାଶୀନଗର(ନିପ୍ର): ଗତ ଦୁଇ ଦିନ ତଳେ (୨୮ ତାରିଖ ଦିନ) କାଶୀନଗର ଏନ ଏ ସି କାର୍ଯ୍ୟାଳୟ ପାଣି ପାଇପ ଅଚଳ ବୋଲି ଏକ ଖବର ଦୈନିକ ଖବର କାଗଜ ଦିନଲିପି ରେ ଆସିଥିଲା। ଖବର ଆସିବା ପରେ କାଶୀନଗର ଏନ ଏ ସି ର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ. ଦିବ୍ୟ ରଞ୍ଜନ ଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟ ପରିସରରେ ଥିବା ପାଇପ କୁ ତୁରନ୍ତ ମରାମତି କରି ସଚଳ କରାଯାଇଛି, ଯାହା ଦ୍ୱାରା ବିଭିନ୍ନ କାମରେ ଆସୁଥିବା ଲୋକ ତଥା ରାସ୍ତାରେ ଯିବା ଆସିବା ପଥଚାରି ମାନେ ରାସ୍ତା ପାର୍ଶ୍ୱରେ ପାନୀୟ ଜଳ ଟିକେ ପାଇ ଅଶ୍ୱସ୍ତ ହେବେ।

## ବିଜେପି ପକ୍ଷରୁ 'ମହିଳା ଜନ ଆକ୍ରୋଶ ପଦଯାତ୍ରା'




ବୁଗୁଡ଼ା (ନିପ୍ର): ମହିଳା ମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ବୁଗୁଡ଼ା ପକ୍ଷରୁ ମହିଳା ଜନ ଆକ୍ରୋଶ ପଦଯାତ୍ରା ବୁଗୁଡ଼ା ନଗର ସଭାନେତ୍ରୀ ଡି ରେଶ୍ମା ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ମହିଳା ମାନଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରିବା ପାଇଁ ସଂସଦରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ସହ ଡିଏମକେ,ଟିଏମସି, ସମାଜବାଦୀ ଓ ବିଜେଡି ଦଳ ବିରୋଧ କରିବା ସହ ଅନ୍ୟ ଆଞ୍ଚଳିକ ଦଳ ମଧ୍ୟ ବିରୋଧ କରିଥିଲେ। ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ମହିଳା ମାନଙ୍କ ପାଇଁ ସଂରକ୍ଷଣକୁ ସୁନିଶ୍ଚିତ କରୁଥିବା ଏହି ଐତିହାସିକ ଅଧିନିୟମ ବିଲ୍ କୁ ନେଇ ଏବେ ରାଜନୀତି ଜୋର ଧରିଛି। ଲୋକସଭାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ କାଟ୍ ଖାଇବା ନେଇ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ମହିଳା ଆକ୍ରୋଶ ପଦଯାତ୍ରା ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଥିବା ବେଳେ ଆଜି ବୁଗୁଡ଼ା ବିଜେପି ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ପକ୍ଷରୁ ବିଶାଳ ଜନ ଆକ୍ରୋଶ ପଦଯାତ୍ରା କରାଯାଇଛି। ବୁଗୁଡ଼ା ବିରଞ୍ଚିନାରାୟଣ ମନ୍ଦିର ଠାରୁ ଏକ ପଦଯାତ୍ରାରେ ବାହାରି କଂଗ୍ରେସ ମୁଖିଆ ରାହୁଲ ଗାନ୍ଧୀ ଓ ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ବିରୋଧରେ ଶ୍ଳୋଗାନ ଦେଇ ଏହି ଯାତ୍ରା ମଦନ ମୋହନ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଉଭୟଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ଏଥିରେ ମହିଳା ମୋର୍ଚ୍ଚା ନଗର ସଭାନେତ୍ରୀ ଡି ରେଶ୍ମା ପାତ୍ର,ନଗର ମଣ୍ଡଳ ଉପସଭାପତି ଯୁ ଚନ୍ଦନା ପାତ୍ର,ନଗର ମଣ୍ଡଳ ଉପସଭାପତି ପ୍ରମିଳା ପ୍ରଧାନ, ସମ୍ପାଦକ ସୁନୀତା ଗୌଡ଼, ଆଇନଜୀବୀ ହରପ୍ରସାଦ ସାହୁ, ନଗର ସଭାପତି କେଦାରନାଥ ମହାରଣା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି କେ ମାନସ ରଞ୍ଜନ ସୁବୁଦ୍ଧି,ଆସିକା ସମବାୟ ସମିତି ନିର୍ଦ୍ଦେଶକ ବସନ୍ତ କୁମାର ଦଳାଇ, ନଗର ମଣ୍ଡଳ ପ୍ରଭାରୀ ହରିକୃଷ୍ଣ ସାହୁ,ଆମ୍ବାର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ,ମଣ୍ଡଳ ଜିଲ୍ଲା ପ୍ରତିନିଧି ପ୍ରଦୀପ କୁମାର ଦାସ, ଜିଲ୍ଲା ଉପସଭାପତି ସୁନୀଲ ପାଢ଼ୀ, ମାଣିତରା ମଣ୍ଡଳ ସଭାପତି କାର୍ତ୍ତିକ ମଙ୍ଗଳ ସମେତ ବହୁ ସଂଖ୍ୟକ ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ର ସଦସ୍ୟ ମାନେ ଏହି ଆକ୍ରୋଶ ପଦଯାତ୍ରାରେ ସାମିଲ ହୋଇଥିଲେ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶିକ୍ଷାନବିଶ କାର୍ଯ୍ୟକ୍ରମ

ଚାରିଛକ,(ନିପ୍ର): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ସ୍ନାତକ ଛାତ୍ରୀମାନଙ୍କର ' ଗ୍ରୀଷ୍ମକାଳୀନ ଶିକ୍ଷାନବିଶ କାର୍ଯ୍ୟକ୍ରମ'ର ଶୁଭାରମ୍ଭ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବରେ ଏହି ଶିକ୍ଷାନବିଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଏହା ଦ୍ୱାରା ଛାତ୍ରୀମାନଙ୍କର ବ୍ୟବହାରିକ ଜ୍ଞାନ, ଦକ୍ଷତା ବିକାଶ, କ୍ୟାରିୟରର ସ୍ପଷ୍ଟତା ଏବଂ ନେଟୱାର୍କିଂ ଉପରେ ବାସ୍ତବ ଅଭିଜ୍ଞତା ହାସଲ କରିପାରିବେ ବୋଲି କହିଥିଲେ। ସୂଚନା ଯୋଗ୍ୟ ଏହି ଶିକ୍ଷାନବିଶ କାର୍ଯ୍ୟକ୍ରମର ଅବଧି ୩୫ ଦିନ ( ୧୨୦ ଘଣ୍ଟା ) ରଖାଯାଇଛି। ଆଜିର ପ୍ରଥମ ଦିବସରେ ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ ଏବଂ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ' ଏଚଆଇଭି / ଏଡସ ସଚେତନତା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରର କାଉନସିଲର ସୁରେଶ ଚନ୍ଦ୍ର ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ଏଡସ ରୋଗର କାରଣ, ଲକ୍ଷଣ ଏବଂ ତାର ନିରାକରଣ ଉପରେ ସଚେତନ କରାଇଥିଲେ । ସମ୍ମାନୀତ ଅତିଥି ରୂପେ ମହାବିଦ୍ୟାଳୟ ଏନ.ସି.ସି ବିଭାଗର ମେଜର ପୁଷ୍ପଲତା ଦତ୍ତ ଯୋଗଦେଇଥିଲେ । ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ତଥା ଶିକ୍ଷାନବିଶ କାର୍ଯ୍ୟକ୍ରମର ସଂଯୋଜିକା ଡ଼ଃ ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର


ଧାମନଗର(ନିପ୍ର): ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରରେ ଗୁରୁବାର ଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ଏବଂ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଧନାଇଚରଣ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।ଏହି ସମୀକ୍ଷା ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ୧ ଏପ୍ରିଲ ୨୦୨୫ରୁ ୩୦ ସେପଟ୍ଟେମ୍ବର ୨୦୨୫ ମଧ୍ୟରେ ହୋଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପନ କରାଯାଇଥିଲା। ସୂଚନା ଅନୁଯାୟୀ, ଏହି ସମୟ ମଧ୍ୟରେ ଅଣ-କୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୮୭ଟି ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ମୋଟ ୬୦୮ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏଥିପାଇଁ ୧ କୋଟି ୪୦ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରାଯାଇଛି। ଫଳରେ ଅଞ୍ଚଳରେ ୮୧ଟି ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହୋଇପାରିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ ସାମାଜିକ ଅଧିକାରୀ ଜଗନ୍ନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସନ୍ଧ୍ୟାରାଣୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

## "ପ୍ରଶାସନ ପାଇଁ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ" ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ



ଭୁବନେଶ୍ୱର(ପିଆଇବି): ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରରେ ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ନେଇ "ପ୍ରଶାସନ ପାଇଁ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ" ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ ଆୟୋଜନ କରିଛି । ଏହି ଜାତୀୟ ସମ୍ମିଳନୀର ଲକ୍ଷ୍ୟ ପ୍ରଶାସନିକ ତଥ୍ୟର ସାମଞ୍ଜସ୍ୟ ନିମନ୍ତେ କାର୍ଯ୍ୟଯୋଜନା ଓ ସମୟସୀମା ଉପରେ ସହମତି ସୃଷ୍ଟି କରିବା । ଏଥିରେ ୩୧ରୁ ଅଧିକ ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶ ସରକାର, କେନ୍ଦ୍ରୀୟ ମନ୍ତ୍ରଣାଳୟ / ବିଭାଗ, ଗବେଷକ ଏବଂ ଆନ୍ତର୍ଜାତୀୟ ସଂଗଠନ / ଶିକ୍ଷାନୁଷ୍ଠାନ / ଘରୋଇ ସଂଗଠନର ୩୦୦ରୁ ଅଧିକ ବୈଷୟିକ ବିଶେଷଜ୍ଞ ଓ ଅଂଶୀଦାରମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ସମାନ ମାନକ ଗ୍ରହଣ କରିବା ଏବଂ ଉତ୍ତମ ନୀତି ନିର୍ଦ୍ଧାରଣ ତଥା ପ୍ରଶାସନ ପାଇଁ ଆନ୍ତଃପରିଚାଳିତ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାରେ ସହାୟକ ହେବ । କାର୍ଯ୍ୟକ୍ରମ ଆରମ୍ଭରେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ତଥ୍ୟ ପ୍ରଶାସନ ମହାନିର୍ଦ୍ଦେଶକ ପି.ଆର ମହେଶ୍ରମ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟର ସଚିବ ଡକ୍ଟର ସୌରଭ ଗର୍ଗ କହିଥିଲେ, ତଥ୍ୟ ସମ୍ପର୍କରେ ଏକ ସକାରାତ୍ମକ ଏବଂ ଖୋଲା ମନୋଭାବ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଲକ୍ଷ୍ୟ ରହିଛି । ପ୍ରତିବନ୍ଧକ ଦୂର କରି ବିଭିନ୍ନ କ୍ଷେତ୍ରରେ ଖୋଲା, ମାନକୀକୃତ ଏବଂ ଆନ୍ତଃପରିଚାଳିତ ତଥ୍ୟକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ଉଦଘାଟନୀ ଭାଷଣରେ, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଗୁରୁତ୍ୱାରୋପ କରି କହିଥିଲେ, ତଥ୍ୟ ହେଉଛି ସମୟର ଆବଶ୍ୟକତା। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ, ବିକଶିତ ଭାରତ ୨୦୪୭ ଏବଂ ଓଡ଼ିଶାର ୨୦୩୬ ଲକ୍ଷ୍ୟ ହାସଲ ପାଇଁ ଏହାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ବିଶେଷକରି ତଥ୍ୟ-ଚାଳିତ ନୀତି ନିର୍ଦ୍ଧାରଣ ମାଧ୍ୟମରେ କୃଷି ଓ ଶକ୍ତି କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଦାୟିତ୍ୱର ସହ ତଥ୍ୟର ଉପଯୋଗ କରାଯିବା ଉଚିତ । ଖୋଲାପଣ ଓ ଜରୁରୀ ଗୋପନୀୟତା ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ ।

## ରମ୍ଭା ଚନ୍ଦନ ଯାତ୍ରା ସୋଲ ଶଗଡ଼ର ଝଲକ



ରମ୍ଭା(ନିପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଦକ୍ଷିଣ ଓଡିଶା ପ୍ରସିଦ୍ଧ ଚନ୍ଦନ ଯାତ୍ରା ନିକଟତର ପୂର୍ବରୁ ସୋଲ ଶଗଡ଼ର ଏକ ଝଲକ ଲକ୍ଷ୍ୟ କରାଯାଇଛି। ଅପରାହ୍ନରେ ସୋଲ ଶଗଡ଼ରୁ ପାରମ୍ପରିକ ପ୍ରଥା ଅନୁସାରେ ବାଦ୍ୟ ବାଜଣା ସହ ଘଣ୍ଟ ମୃଦଙ୍ଗ ମାଧ୍ୟମରେ ଓଡ଼ିଆ ବାଡର ଅଧିକାରୀ ନାରାୟଣ ଦାସଙ୍କ ପୌରହିତରେ ସହର ପରିକ୍ରମା କରିଥିଲା। ଯାତ୍ରାର ଅବ୍ୟବହୃତ ପୂର୍ବରୁ ବାସିନ୍ଦାଙ୍କ ଉତ୍ସାହ ଉଦିପନା କହିଲେ ନ ସରେ। ଯାତ୍ରାକୁ ଦୃଷ୍ଟିରେ ରଖି ଆତ୍ମୀୟ ସ୍ୱଜନ, ପରିଜନ, ଜ୍ଞାତି କୁଟୁମ୍ବ ଆସିବା ପାଇଁ ସଜବାଜ ହେଉଥିବା ଜଣାଯାଇଛି। ତତ ସହିତ ମାଳିଆ ପସରା,ମଥୁରା କେକ,ମନୋହର ସାମଗ୍ରୀ, ମିନା ବଜାର ଆଗମନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

## ମାନବିକ ଅଧିକାର ପାଇଁ ସର୍ଟ ଫିଲ୍ମ ପ୍ରତିଯୋଗିତା

ପୁରୀ (ନିପ୍ର): ଜାତୀୟ ମାନବିକ ଅଧିକାର ଆୟୋଗ ବା ନ୍ୟାସନାଲ ହ୍ୟୁମାନ ରାଇଟ୍ସ କମିଶନ ମାନବିକ ଅଧିକାର ସମ୍ପର୍କରେ ଏକ କ୍ଷୁଦ୍ର ବା ସର୍ଟ ଫିଲ୍ମ ପ୍ରତିଯୋଗିତାର ଆୟୋଜନ କରୁଛନ୍ତି।ଏହି ଫିଲ୍ମ ସର୍ବନିମ୍ନ ୩ ମିନିଟ ଓ ସର୍ବାଧିକ ୧୦ ମିନିଟ ମଧ୍ୟରେ ହେବା ଆବଶ୍ୟକ।ଏହା ହିନ୍ଦୀ କିମ୍ବା ଯେ କୌଣସି ଭାରତୀୟ ଭାଷା ସହିତ ସବ ଟାଇଟେଲ ଇଂରାଜୀ ଭାଷା ରେ ହେବା ବିଧେୟ। ଜୁରୀ ମାନଙ୍କ ଦ୍ୱାରା ଚୟନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଫିଲ୍ମକୁ ଯଥାକ୍ରମେ ୨ ଲକ୍ଷ,୧ ଲକ୍ଷ ଓ ୫୦ ହଜାର ଟଙ୍କାର ଅର୍ଥ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ ଅଫ ସ୍ପେଶାଲ ମେନସନ ସାର୍ଟିଫିକେଟ ପ୍ରଦାନ କରାଯିବ।

## ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଛାତ୍ରଛାତ୍ରୀଙ୍କ ଏନଇପି ୨୦୨୦ ଇର୍ଣ୍ଟର୍ନସିପ୍ ଆରମ୍ଭ

ପୁରୀ(ନିପ୍ର): ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ର ଅଂଶବିଶେଷ ସ୍ୱରୂପ, ପୁରୀସ୍ଥିତ ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ସ୍ନାତକ (ୟୁଜି) ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଜି ଭୁବନେଶ୍ୱରର ଭାରତୀୟ ବିଦ୍ୟା ଭବନଠାରେ ସେମାନଙ୍କର ଇର୍ଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆଜି ଅର୍ଥାତ୍ ୨୦୨୬ ଅପ୍ରେଲ ୨୯ ତାରିଖ ସକାଳେ ମେଜର ଜେନେରାଲ ଅତନୁ ପଟ୍ଟନାୟକଙ୍କ ଏକ ପ୍ରାରମ୍ଭିକ ଉପସ୍ଥାପନା ସହିତ ଆରମ୍ଭ ହୋଇଥିଲା। ଭାରତୀୟ ବିଦ୍ୟା ଭବନରେ ଉଦବୋଧନ ଦେଇ ମେଜର ଜେନେରାଲ ପଟ୍ଟନାୟକ ଐତିହ୍ୟର ସଂରକ୍ଷଣ ଏବଂ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଭାରତର ସାଂସ୍କୃତିକ ଉତ୍ତରାଧିକାରର ସକ୍ରିୟ ରକ୍ଷକ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଐତିହ୍ୟ ପରିଚାଳନାରେ ଶିକ୍ଷାଗତ ଗବେଷଣା, ଗୋଷ୍ଠୀ ସହଭାଗିତା ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସମନ୍ୱୟ କିପରି ହୋଇଥାଏ, ସେ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ଅଧିବେଶନ ପରେ, ଛାତ୍ରଛାତ୍ରୀମାନେ ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧୀନରେ ଥିବା ଏକ ଗବେଷଣା ଶାଖା 'ବୁଣାକାର ସେବା କେନ୍ଦ୍ର' ପରିଦର୍ଶନ କରିଥିଲେ। ସେଠାରେ ସେମାନଙ୍କୁ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା, ବୟନ ଶିଳ୍ପର ଦସ୍ତାବିଜିକରଣ ପଦ୍ଧତି ଏବଂ ଚାଲିଥିବା ସଂରକ୍ଷଣ ପ୍ରୟାସ ବିଷୟରେ ଅବଗତ କରାଯାଇଥିଲା। ବିଶେଷଜ୍ଞମାନେ ବୁଣାକାର ଶୈଳୀର ପ୍ରଦର୍ଶନ କରିଥିଲେ ଏବଂ ଶିଳ୍ପ ଭିତ୍ତିକ ଜୀବିକା ନିର୍ବାହ ତଥା ବୟନ ଐତିହ୍ୟକୁ ବଞ୍ଚାଇ ରଖିବାରେ ଏହି କେନ୍ଦ୍ରର ଭୂମିକା ବ୍ୟାଖ୍ୟା କରିଥିଲେ। ଏହି ଇର୍ଣ୍ଟର୍ନସିପ୍ ଏନଇପି ୨୦୨୦ ର ଅନୁଭୂତିଜନ୍ୟ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ଶିଳ୍ପ-ଶିକ୍ଷା ସଂଯୋଗ ଉପରେ ଆଧାରିତ। ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ସଙ୍ଗୀତା ମିଶ୍ର ଏବଂ ଡ. ଅଜୟ କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କ ସହ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅଭିଲେଖାଗାର କାର୍ଯ୍ୟ, ଐତିହ୍ୟର ବ୍ୟାଖ୍ୟା ଏବଂ ସଂଗ୍ରହାଳୟ ଅଧ୍ୟୟନ କ୍ଷେତ୍ରରେ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବ। ଏହି ଇର୍ଣ୍ଟର୍ନସିପ୍ ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ନୋଡାଲ ୟୁଜିଏମଇ ବିଦ୍ୟାଳୟରେ ଗୁରୁବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ କିଶୋର ପୃଷ୍ଟେଠ ଅବସର ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ତାରାଚାନ୍ଦ ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟ ଅତିଥି, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କର୍ସେଲ ମୁଖ୍ୟବକ୍ତା, ବାଉରୀଗୋଡା ସମିତିସଭ୍ୟ ପରେଶ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟାଲୋଚନ ସାହୁ,ଶିକ୍ଷକ ଘନଶ୍ୟାମ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ କିଶୋର ପୃଷ୍ଟେଠଙ୍କୁ ଉପଢୌକନ,ଫୁଲ ତୋଡା ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ପୃଷ୍ଟେଠ ୨୦୦୮ରୁ ଶିକ୍ଷକତା ଆରମ୍ଭ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ମେଳାପି ବ୍ୟକ୍ତି ଅଟନ୍ତି।

## ବାରମ୍ବାର ଦାବି ପରେ ବି ନିର୍ମାଣ ହେଉନି ଗ୍ରାମ୍ୟ ରାସ୍ତା

### ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ



ରାଇରଂଗପୁର: କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ଯୋଜନା ପରେ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଲୋକଙ୍କର ହିତରେ ଆସିପାରୁନାହିଁ। ଏଭଳି ଏକ ସମସ୍ୟା ଘେରରେ ଘାଣ୍ଟି ହେଉଛନ୍ତି ସରଗଡ଼ା ପଞ୍ଚାୟତର ହାତୀଛାଡ଼ ଗ୍ରାମବାସୀ। ବିଶେଷକରି କଳାଟମକରୁ ହାତୀଛାଡ଼ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅଭିଯୋଗ ଅନୁଯାୟୀ ହାତୀଛାଡ଼ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଏହି ଗ୍ରାମକୁ ଗମନାଗମନର ସୁବିଧା ନ ଥିବାରୁ ରୋଗୀ ଏବଂ ଗର୍ଭବତୀଙ୍କ ପାଇଁ ରାସ୍ତାଟି ଅଭିଶାପ ପାଲଟିଛି। ବର୍ଷା ସମୟରେ ଯଦି କେହି ଅସୁସ୍ଥ ହୋଇ ଆମ୍ବୁଲାନ୍ସ ୧୦୮କୁ ଫୋନ କରିଥାନ୍ତି, ତେବେ ରାସ୍ତା କାଦୁଅରେ ପଚପଚ ହୋଇଥିବାରୁ ହାତୀଛଡ଼ ଗ୍ରାମରୁ ୩ କିମି ଦୂର କଳାଟମକ ପାଖରେ ଅଟକିଯାଇଥାଏ। କିଛି ମାସ ପୂର୍ବେ ଗ୍ରାମର ରୋଗୀ ଠୁମ୍ପୁ ମାଝୀଙ୍କୁ ୩ କିମି ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ରାସ୍ତା ପାଇଁ ଗ୍ରାମବାସୀ ବିଡିଓଙ୍କ ସମେତ ଉପ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଦାବି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତିରେ ଅଟକିଛି। ତେବେ ବର୍ତ୍ତମାନ ସୁଦ୍ଧା ରାସ୍ତା ପାଇଁ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ବ୍ଲକ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ରାସ୍ତା ଆଜି ପର୍ଯ୍ୟନ୍ତ ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ରାସ୍ତା ନିର୍ମାଣ ନକଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଚିତ୍ ଜବାବ୍ ଦେବେ ବୋଲି ଗଣମାଧ୍ୟମ ସାମ୍ନାରେ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

ତିଥି :(ପୂର୍ଣ୍ଣିମା): (ସ୍ୱାତୀ ତୁଲା )
ଅମୃତ ବେଳା: ଦିବା ଘ ୬।୫୯ ମଧ୍ୟେ ଘ ୭।୪୭ ଗତେ

## ଆଜିର ଅନୁଚିନ୍ତନ

ବାଣୀମାନଙ୍କ ମଧ୍ୟରେ ମୁଁ ପ୍ରଣବ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବିକାଶ ସହିତ ଥାଆନ୍ତି ମହିଳା

ଲୋକସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣକୁ ସମର୍ଥନ କରିବାରେ ବିରୋଧୀଙ୍କ ଅନିଚ୍ଛା ପ୍ରକାଶ ପାଇଲା। ଏହା ରାଜନୀତି ପାଇଁ ରାଜନୀତି କି ଏକ ବାସ୍ତବ ବିରୋଧ ତାହା ବାବଦରେ ଖୋଲା ମଞ୍ଚରେ ଆଲୋଚନା ହେବା ଲୋଡ଼ା। ଏକଥା ସତ ଯେ ନିରିଖେଇ ଦେଖିଲେ ମହିଳାଙ୍କ ସମାଜରେ ଅବଦାନ ବିଶେଷ କରି ଶ୍ରମ ସହଭାଗିତା ଦିଗକୁ ଆଦୌ ଉପେକ୍ଷା କରି ହେବ ନାହିଁ।

ଦେଶର ପିରିଅଡିକ୍ ଲେବର ଫୋର୍ସ ସର୍ବେକ୍ଷଣ କହୁଛି, ମହିଳା ଶ୍ରମ ସହଭାଗିତା ହାର ୨୦୧୮ରେ ୨୩.୪ ପ୍ରତିଶତ ଥିଲା। ମାତ୍ର ୨୦୨୫ ମସିହା ବେଳକୁ ଏହାର ଚିତ୍ର ବଦଳିଥିଲା। ଏହା ୪୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ଏହା ସହଭାଗିତା କ୍ରମୋନ୍ନତିର ଏକ ଉତ୍କୃଷ୍ଟ ପ୍ରମାଣ। ଯଦି ଗ୍ରାମାଞ୍ଚଳ ଦୃଷ୍ଟିରେ ଦେଖାଯାଏ ଏହି ସହଭାଗିତା ୮୦ ପ୍ରତିଶତ ଉପରେ। ଆତ୍ମନିଯୁକ୍ତି ହେଉ କି ମହିଳାଙ୍କ ନିଜ ଘର ପାଇଁ ବିନା ମୂଲ୍ୟରେ କରୁଥିବା କାର୍ଯ୍ୟ ଦୃଷ୍ଟିରୁ ସହଭାଗିତା ସାଢ଼େ ୪ ଘଣ୍ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ।

ଯଦି ଶାସନ ବ୍ୟବସ୍ଥା କଥା ଦେଖାଯାଏ ,ସେଥିରୁ ଜଣାପଡ଼େ ଯେ ପଞ୍ଚାୟତିରାଜ ବ୍ୟବସ୍ଥା ସହ ଯେଉଁ ମହିଳାମାନେ ଜଡ଼ିତ ସେମାନେ ପଞ୍ଚାୟତର ଉନ୍ନତି ସାଧନ ଉପରେ ଗୁରୁତ୍ୱ ଦେଇଥାଆନ୍ତି। ଶୃଙ୍ଖଳ ତଥା ସମନ୍ୱିତ ବିଚାରଶୀଳତା ମହିଳାଙ୍କ ଠାରେ ପୁରୁଷଙ୍କ ତୁଳନାରେ ଅଧିକ,ଏହା ସମାଜବ୍ୟବସ୍ଥାରେ ଦେଖାଯାଏ।

ଜଣେ ନୋବେଲ ପୁରସ୍କାର ବିଜେତାଙ୍କ ନେତୃତ୍ୱରେ ଏକ ସର୍ବେକ୍ଷଣ ହୋଇଥିଲା ସେଥିରୁ ଜଣାପଡ଼ିଥିଲା ଯେ ଯେଉଁ ସ୍ୱୟଂଶାସିତ ଶାସନ ସଂସ୍ଥାଗୁଡ଼ିକ ସହିତ ମହିଳାମାନେ ଜଡ଼ିତ ସେଠାକାର ପୌର/ଏନଏସି ଅଞ୍ଚଳରେ ଜନକଲ୍ୟାଣ ଅଧାରିତ ଭିତ୍ତିଭୂମି ପ୍ରତି ଅଧିକ ଧ୍ୟାନଶୀଳ ହୋଇଥାଆନ୍ତି। ଏହି ଜନହିତକର କାର୍ଯ୍ୟଗୁଡ଼ିକ ମଧ୍ୟରେ ପାନୀୟ ଜଳର ବ୍ୟବସ୍ଥା,ପରିମଳ ରକ୍ଷା ଅନ୍ତର୍ଭୁକ୍ତ।ଯାହା ସାମାଜିକ କଲ୍ୟାଣକୁ ତ୍ୱରାନ୍ୱିତ କରିବା ସହିତ ବିକାଶକୁ ଗତି ଦେଇଥାଏ।

ବିକାଶର କଥା ଆସିଲେ ସ୍ମରଣକୁ ଆସେ ୨୦୪୭ ସୁଦ୍ଧା ବିକଶିତ ଭାରତ ହାସଲ କରାଯିବ। ଏ ବାବଦରେ ମହିଳା ପକ୍ଷଙ୍କୁ ଗୁରୁତ୍ୱ ନ ଦେଇ ଆଗକୁ ବଢ଼ି ହେବ ନାହିଁ। ସେହି ସମୟ ସୁଦ୍ଧା ଭାରତ ହାସଲ କରିବ ୫ ଟ୍ରିଲିୟନ ଡଲାରର ଅର୍ଥନୀତି।ଏପରି ଆକଳନ କରାଯାଇଛି। ବ୍ୟାପକତା ଦୃଷ୍ଟିରୁ ଦେଖିଲେ ଅନ୍ତର୍ଭୁକ୍ତି ଅଭିବୃଦ୍ଧି ନିମନ୍ତେ ଉପଯୁକ୍ତ ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ସାମିଲ କରିବାକୁ ହିଁ ପଡିବ। ସହଭାଗିତା, ଉତ୍ପାଦକତା ଓ ପ୍ରଶାସନ ପରିସରକୁ ମହିଳାଙ୍କୁ ଯେତେ ଅଧିକ ନିଆଯିବ ତାହାଦ୍ୱାରା ମୌଳିକ ସେବା କ୍ଷେତ୍ର ଅଧିକ ବ୍ୟାପକ ହୋଇପାରିବ। ଯଦି ମହିଳାଙ୍କୁ ବାଧା ଦିଆଯାଏ ବା ଉପେକ୍ଷା କରାଯାଏ ତେବେ ବିକାଶ ଶକ୍ତ ଧକ୍କା ପାଇବା ସୁନିଶ୍ଚିତ।

# ନକ୍ସଲବାଦର ଅନ୍ତ

**ଡାକ୍ତର ରାଜକିଶୋର ପଣ୍ଡା**

ମଇ ୨୫, ୨୦୧୩ ରେ ଛତିଶଗଡ଼ର ଶୀର୍ଷ କଂଗ୍ରେସ ନେତୃତ୍ୱ ଉପରେ ମାଓବାଦୀ ଆକ୍ରମଣ ହୋଇଥିଲା। ସ୍ଥାନ ଥିଲା ସୁକମା ଜିଲ୍ଲାର ଝିରାମ ଘାଟି। ଏହି ଆକ୍ରମଣରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ମହେନ୍ଦ୍ର କର୍ମା, ଛତିଶଗଡ଼ କଂଗ୍ରେସ ମୁଖ୍ୟ ନନ୍ଦ କୁମାର ପଟେଲ ଓ ବରିଷ୍ଠ କଂଗ୍ରେସ ନେତା ବିଦ୍ୟା ଚରଣ ଶୁକ୍ଳା ମୃତ୍ୟୁବରଣ କରିଥିଲେ। ସର୍ବମୋଟ ସତେଇଶି ଜଣ ଏହି ନରସଂହାରରେ ବଳି ପଡ଼ିଥିଲେ। ପୁନଶ୍ଚ ଏପ୍ରିଲ-୬, ୨୦୧୦ ରେ ଛତିଶଗଡ଼ର ଦାନ୍ତେୱାଡ଼ାଠାରେ ନକ୍ସଲ ଆକ୍ରମଣ ହେତୁ ଛଅସ୍ତରିଜଣ ସି.ଆର୍.ପିଏ.ଫ୍ ଯବାନଙ୍କର ମୃତ୍ୟୁ ଘଟିଥିଲା। ମାଓବାଦର ସମଗ୍ର ଇତିହାସରେ ଏହା ହେଉଛି ସୁରକ୍ଷାକର୍ମୀମାନଙ୍କ ଉପରେ ସବୁଠାରୁ ବୃହତ୍ ଓ ବର୍ବର ଆକ୍ରମଣ। ତେବେ ବାମପନ୍ଥୀ ଚିନ୍ତାଧାରା ପରି ନକ୍ସଲ ଚିନ୍ତାଧାରା ବିଫଳ ହେଲା କାହିଁକି ? ଏହାର କାରଣଗୁଡ଼ିକ ଆମେ ବର୍ତ୍ତମାନ ଆଲୋଚନା କରିବା। ପ୍ରଥମ କାରଣ ହେଉଛି ଚାରୁ ମଜୁମ୍‌ଦାରଙ୍କ ସମୟରୁ ଏହି ଆନ୍ଦୋଳନ ଆଦର୍ଶଗତ ବିଭେଦର ଶିକାର ହୋଇଥିଲା। ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ଆଦିବାସୀ ବନାମ ଅଣଆଦିବାସୀ ନେତୃତ୍ୱ। ଆଦିବାସୀମାନେ ସମ୍ମୁଖ ସଂଗ୍ରାମରେ ଲଢୁ ଥିବାବେଳେ, ଶୀର୍ଷ ନେତୃତ୍ୱ କିନ୍ତୁ ରହୁଥିଲା ଅଣଆଦିବାସୀମାନଙ୍କ ହାତରେ। ଏହାକୁ ନେଇ ସଙ୍ଗଠନରେ ତୀବ୍ର ମତଭେଦ ମଧ୍ୟ ଅତୀତରେ ହୋଇଥିଲା ଓ ଏହାକୁ ପ୍ରଶମିତ କରିବା ପାଇଁ ଆଦିବାସୀ ନେତା "ହିଡ୍‌ମା"ଙ୍କୁ କେନ୍ଦ୍ରୀୟ କମିଟିରେ ନିଆଯାଇଥିଲା। ସବୁଠାରୁ କୁଖ୍ୟାତ ମାଓନେତାମାନଙ୍କ ଭିତରେ ଏହି "ହିଡ୍‌ମା" ଥିଲେ ଅନ୍ୟତମ। ପୂର୍ବରୁ ଏହି ଲେଖକ ଉଲ୍ଲେଖ କରିଥିବା ଦୁଇଟି ପ୍ରମୁଖ ଆକ୍ରମଣର ମାଷ୍ଟର ମାଇଣ୍ଡ ହେଉଛନ୍ତି, ଏହି "ହିଡ୍‌ମା"। ଏନ.ଆଇ.ଏ.ର ସବୁଠାରୁ ବିପଜ୍ଜନକ ଅପରାଧୀମାନଙ୍କର ତାଲିକାରେ ତାଙ୍କର ନାମ ଥିଲା ଓ ତାଙ୍କୁ ଧରାଇ ଦେଲେ ଏକ କୋଟି ଟଙ୍କା ପୁରସ୍କାର ମିଳିବା ନେଇ ମଧ ସରକାର ଘୋଷଣା କରିଥିଲେ। ପରିଶେଷରେ ଅଠର ନଭେମ୍ବର ୨୦୨୫ ରେ ଆନ୍ଧ୍ରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ହିଡ୍‌ମାଙ୍କର ମୃତ୍ୟୁ ହେଲା। ତୃତୀୟ କାରଣ ହେଉଛି ନକ୍ସଲବାଦୀ ଆଦର୍ଶର ଗୁରୁତ୍ୱ ହ୍ରାସ। ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଆଦିବାସୀ ଅଞ୍ଚଳକୁ ସମ୍ପ୍ରସାରଣ ଘଟିବା ସହିତ, ଜନତାଙ୍କର ସରକାରୀ କଳ ଉପରେ ଥିବା ରୋଷର ହ୍ରାସ ଘଟିଲା। ଚତୁର୍ଥରେ ପର୍ଯ୍ୟାୟକ୍ରମେ ଲୋକମାନଙ୍କର ସଶସ୍ତ୍ର ସଂଗ୍ରାମ ଅପେକ୍ଷା, ଗଣତାନ୍ତ୍ରିକ ବିକ୍ଷୋଭ ଏବଂ ମୁଖ୍ୟଧାରା ରାଜନୀତିରେ ବିଶ୍ୱାସର ବୃଦ୍ଧି ଘଟିବାରୁ ମାଓବାଦ ଏହାର ଚମକ ହରାଇଲା। କୌଣସି ଆନ୍ଦୋଳନର ସମାପ୍ତି ପ୍ରକ୍ରିୟାରେ ସାଧାରଣତଃ ଦୁଇଗୋଟି ମାନକ ଥାଏ। ପ୍ରଥମ ହେଉଛି ଏହାର ସଙ୍ଗଠନରେ କୌଣସି କର୍ମୀ ଜୀବିତ ନ ରହିବା ଓ ଅନ୍ୟଟି ଏହାର ପ୍ରଭାବ ଥିବା ଅଞ୍ଚଳ ସୀମିତ ହେବା। ବର୍ତ୍ତମାନ ଆମେ ଯଦିଓ ଏକଥା କହିପାରିବା ନାହିଁ, କି ଆଉ ଗୋଟିଏ ବି ନକ୍ସଲ ଜୀବିତ ନାହାନ୍ତି ବୋଲି, ଏହା ମଧ ସତ୍ୟ ଯେ ସେମାନଙ୍କର ସଂଖ୍ୟାରେ ବର୍ତ୍ତମାନ ବ୍ୟାପକ ହ୍ରାସ ଘଟିଛି। ଯେତେବେଳେ ନକ୍ସଲବାଦ ଏହାର ଚରମରେ ଥିଲା, ଏହାର କ୍ୟାଡରର ସଂଖ୍ୟା ଥିଲା ଚାରିହଜାରରୁ ପାଞ୍ଚ ହଜାର। ବର୍ତ୍ତମାନ ଅତିବେଶିରେ ଶହେରୁ ଦେଢ଼ଶହ ଜଣ କ୍ୟାଡର ଜୀବିତ ଅଛନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଦ୍ୱିତୀୟ ମାନକ ହେଉଛି ଏହାର ଆଞ୍ଚଳିକ ପ୍ରଭାବ। ଯଦି ଆମେ "ବସ୍ତର"କୁ ନକ୍ସଲବାଦର ଗଡ଼ ବୋଲି ଧରିବା, ତାହା ହେଲେ ବୃତ୍ତାକାର ଭାବରେ ଦେଖିଲେ ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡରେ ଏହାର ବ୍ୟାପକ ପ୍ରଭାବ ରହିଥିଲା। ଏକ ସମୟରେ ନେପାଳରେ ମଧ ମାଓବାଦୀ ସରକାର କ୍ଷମତାସୀନ ଥିଲା। ତେଣୁ "ପଶୁପତି ଠାରୁ ତିରୁପତି ଲାଲ କରିଡର ନିର୍ମାଣ" ସେତେବେଳେ ନକ୍ସଲମାନଙ୍କର ନାରା ଥିଲା। ବର୍ତ୍ତମାନ ଭାରତରେ ନକ୍ସଲଗଡ଼ ବିପର୍ଯ୍ୟସ୍ତ ଓ ନେପାଳରେ ସମ୍ପ୍ରତି ହୋଇଥିବା ସାଧାରଣ ନିର୍ବାଚନରେ ନକ୍ସଲ ଦଳ, ଜନତାଙ୍କଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାତ ହୋଇଛି। ତେଣୁ ଉପରୋକ୍ତ ନାରାର ଆଉ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ଆମେ କହିପାରିବା। କେନ୍ଦ୍ର ସରକାରଙ୍କ ତରଫରୁ ମଧ ନକ୍ସଲବାଦର ଦମନ ନିମନ୍ତେ କେତେକ ଶକ୍ତ ଓ ନିର୍ଣ୍ଣାୟକ ପଦକ୍ଷେପମାନ ନିଆଯାଇଥିଲା। ସରକାର ମାଓ ଅଧ୍ୟୁଷିତ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାକର୍ମୀମାନଙ୍କର କ୍ୟାମ୍ପ ବା ଡେରା ପକାଇବାଦ୍ୱାରା ଅରଣ୍ୟର ଗଳା ବା ଗୁପ୍ତବାଟ ନକ୍ସଲମାନଙ୍କ ଗମନାଗମନ ନିମନ୍ତେ ବନ୍ଦ ହୋଇଗଲା। ନକ୍ସଲବାଦୀମାନଙ୍କୁ ଦୃଢ଼ ଜବାବ ଦେବା ନିମନ୍ତେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ଟି.ଡି.ପି. ସରକାର ୧୯୮୯ ମସିହାରେ ଗ୍ରେହାଉଣ୍ଡ ବାହିନୀର ଗଠନ କରିଥିଲେ। ଏହାର ପ୍ରମୁଖ କର୍ତ୍ତା ଥିଲେ ଆଇ.ପି.ଏସ୍. ଅଫିସ୍‌ର ସ୍ୱର୍ଗତ କେ.ଏମ୍. ବ୍ୟାସ। ଏହି ଗ୍ରେହାଉଣ୍ଡ ବାହିନୀ ନକ୍ସଲ ବିରୋଧୀ ଅପରେସନରେ ପାରଙ୍ଗମ ଓ ଆଜି ଲାଲଗଡ଼ ଧ୍ୱଂସ ହେବା ପଛରେ ଏହାର ଯଥେଷ୍ଟ ଅବଦାନ ରହିଛି। ନକ୍ସଲ ପ୍ରଭାବିତ ଅଞ୍ଚଳରେ ସଡ଼କ, ମୋବାଇଲ ଓ ଇଣ୍ଟରନେଟ୍ ଆଦି ବ୍ୟବସ୍ଥାର ବ୍ୟାପକ ବିସ୍ତାର ପାଇଁ ସରକାର ପଦକ୍ଷେପମାନ ନେଲେ। ଏହାଦ୍ୱାରା ଯୋଗାଯୋଗର ଉନ୍ନତି ଘଟି ନକ୍ସଲ ଠିକଣା ଓ ଗତିବିଧିଗୁଡ଼ିକର ସଠିକ୍ ସୂଚନା ସୁରକ୍ଷାକର୍ମୀ ପାଇପାରିଲେ ଓ ନକ୍ସଲ ଦମନ ସଫଳ ହୋଇପାରିଲା। ନକ୍ସଲମାନେ ମଧ ପୋଲିସ୍ ଇନଫର୍ମର ସନ୍ଦେହରେ ଅନେକ ନିରୀହ ଜନତାଙ୍କୁ ହତ୍ୟା କରିଥିଲେ ଓ ଏହାଦ୍ୱାରା ସେମାନେ ସାଧାରଣ ଜନତାଙ୍କର ବିଶ୍ୱାସ ମଧ ହରାଇ ବସିଲେ। ଏହା ମଧ ସେମାନଙ୍କର ପତନର ଏକ ମୁଖ୍ୟ କାରଣ। ଏକ ଆଭ୍ୟନ୍ତରୀଣ ମହାବ୍ୟାଧି ରୂପେ ଅଗ୍ରସର ହେଉଥିବା ନକ୍ସଲବାଦକୁ ଧ୍ୱଂସ କରିବାରେ ସଫଳ ହୋଇଥିବାରୁ କେନ୍ଦ୍ର ସରକାର ଯେ ଅସୀମ ପ୍ରଶଂସାର ପାତ୍ର ଏଥିରେ ସନ୍ଦେହ ନାହିଁ। ତେବେ ବର୍ତ୍ତମାନ ସରକାର, ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଯଥେଷ୍ଟ ପଦକ୍ଷେପମାନ ନିଅନ୍ତୁ ଓ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ। ଭବିଷ୍ୟତରେ ଅନ୍ୟ କୌଣସି ଗୋଷ୍ଠୀ ଯେପରି ନକ୍ସଲବାଦ ପରି ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସମସ୍ୟା ସୃଷ୍ଟି ନ କରନ୍ତି, ସରକାର ସେଥିପ୍ରତି ମଧ ସଜାଗ ରୁହନ୍ତୁ।

ଭୁବନେଶ୍ୱର ମୋ- ୮୧୪୪୦୪୨୯୯୭

# ଗୋଡି ଶ୍ରମିକ ନିରୋଧ ଆଇନର ଆବଶ୍ୟକତା

**ଅଲେଖ ଚନ୍ଦ୍ର ସାମଲ**

"

**ଭାରତ ସରକାର ୨୦୨୧ ଏପ୍ରିଲ ୨୫ରେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ କେନ୍ଦ୍ରଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ୨୦୦୫-୨୦୧୦ରୁ ୨୦୧୦-୨୦ ମଧ୍ୟରେ ଗୋଡିଶ୍ରମିକ ସର୍ଭେ ପାଇଁ ୭୯୪ କୋଟି ଟଙ୍କା ସହାୟତା ଦେଇଥିଲେ । ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାରଖଣ୍ଡ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସର୍ଭେ ହୋଇନଥିଲା । କୋର୍ଟ କହିଛନ୍ତି ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୩ ବର୍ଷରେ ଥରେ ନୂଆ ସର୍ଭେ କରାଯାଇ ସଂଶୋଧିତ ତଥ୍ୟ ୱେବସାଇଟରେ ଦେବାକୁ ହେବ । ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଏବଂ ସବ୍‌ଡ଼ିଭିଜନାଲ ଭିଜିଲାନ୍ସ କମକିଟି ସର୍ଭେ ଦାୟିତ୍ୱ ନେବେ ।**

ଦେଶରେ କେତେ ସଂଖ୍ୟାରେ ଗୋଡି ଶ୍ରମିକ ଅଛନ୍ତି ତାର ସର୍ଭେ କରି ସେମାନଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ସମସ୍ତ ରାଜ୍ୟ ସରକାର ଗୋଡି ଶ୍ରମିକ ସର୍ଭେ ସଂକ୍ରାନ୍ତରେ ଏକ ଦ୍ୱିବାର୍ଷିକ ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରିବେ । କମିଶନ ଗୋଡିଶ୍ରମିକ ବ୍ୟବସ୍ଥା ଆକ୍ଟର ପ୍ରଚଳନ ବିଷୟ ଉପରେ ତଦାରଖ କରିବେ । ଗୋଡିଶ୍ରମିକ ପ୍ରଥା ଉଚ୍ଛେଦ ଆଇନ୍‌ର ଉପଯୁକ୍ତ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ପବ୍ଲିକ୍ ୟୁନିୟନ ଫର ଲିବରଟିଜ୍ ନାମକ ଏକ ସଂସ୍ଥା ପକ୍ଷରୁ ଆଗତ ପିଟିସନ୍ ଉପରେ କୋର୍ଟ ଏହି ଆଦେଶ ପ୍ରଦାନ କରିଛନ୍ତି । ଭାରତ ସରକାର ୨୦୨୧ ଏପ୍ରିଲ ୨୫ରେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ କେନ୍ଦ୍ରଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ୨୦୦୫-୨୦୧୦ରୁ ୨୦୧୦-୨୦ ମଧ୍ୟରେ ଗୋଡିଶ୍ରମିକ ସର୍ଭେ ପାଇଁ ୭୯୪ କୋଟି ଟଙ୍କା ସହାୟତା ଦେଇଥିଲେ । ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାରଖଣ୍ଡ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସର୍ଭେ ହୋଇନଥିଲା । କୋର୍ଟ କହିଛନ୍ତି ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୩ବର୍ଷରେ ଥରେ ନୂଆ ସର୍ଭେ କରାଯାଇ ସଂଶୋଧିତ ତଥ୍ୟ ୱେବସାଇଟରେ ଦେବାକୁ ହେବ । ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଏବଂ ସବ୍‌ଡ଼ିଭିଜନାଲ ଭିଜିଲାନ୍ସ କମକିଟି ସର୍ଭେ ଦାୟିତ୍ୱ ନେବେ । କମିଟି ତାର ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କୁ ଦେବେ । ଏହି କମିଟି ପ୍ରତି ୩ବର୍ଷରେ ଥରେ ପୁନର୍ଗଠନ କରାଯିବ । ଇଟାଭାଟି, ପଥରଖଣି, କ୍ରସର, ବିଡ଼ି କାରଖାନା, ନିର୍ମାଣକ୍ଷେତ୍ର, କୃଷି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସୂତାକଳ ଆଦିରେ ଗୋଡିଶ୍ରମିକ ବ୍ୟାପକ ସଂଖ୍ୟାରେ ଥିବାରୁ ଏହି କମିଟି ଏସବୁ ଅଞ୍ଚଳର ସର୍ଭେ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ସେଠାରେ ଗୋଡିଶ୍ରମିକ ପ୍ରଥା ଆଇନ୍‌ର ଉଲ୍ଲଂଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

୨୦୦୯ରେ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍‌ରେ ୧ରୁ ୮ମ ଶ୍ରେଣୀ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲେ ହେଁ ଏବେ ବି ସହର ଏବଂ ଗାଁରେ ଅନେକ ଶିଶୁ ଗୋଡିଶ୍ରମିକ ଭାବେ ତଥା ଘରୋଇ ଚାକର ଭାବେ କାମ କରୁଛନ୍ତି ଏବଂ ସେମାନେ ସ୍କୁଲକୁ ଯାଉନାହାନ୍ତି । ଗ୍ରାମାଞ୍ଚଳ ସ୍ତରରେ ପଞ୍ଚାୟତ ଓ ସହରାଞ୍ଚଳ ସ୍ତରରେ ପୌରସଂସ୍ଥା ଏଭଳି ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ନିଶ୍ଚିତ



କରାଇବାକୁ ରାୟରେ କୁହାଯାଇଛି । ଆକ୍ଟର ଧାରା ୧୦, ୧୧ ଓ ୧୨ ସଠିକ୍ ଭାବେ କାର୍ଯ୍ୟକାରି ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବନିମ୍ନ ମଜୁରୀ ଆକ୍ଟ, ଶ୍ରମିକ କ୍ଷତିପୂରଣ ଆକ୍ଟ, ଆନ୍ତଃରାଜ୍ୟ ଦେଶାନ୍ତର ଶ୍ରମିକ ଆଇନ୍, ଶିଶୁଶ୍ରମିକ ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନ ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ଏ ଦିଗରେ ଜିଲା ମାଜିଷ୍ଟ୍ରେଟ୍ ଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ । ଗୋଡିଶ୍ରମିକଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇଲେ ଏ ବିଷୟରେ ଜିଲା ମାଜିଷ୍ଟ୍ରେଟଙ୍କୁ ଜଣାଇବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ଲୋକାଲ ବଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କୁ ପଠାଯାଇଥିବା ୬ ମାସିଆ ରିପୋର୍ଟ ଅପରିବର୍ତ୍ତିତ ରଖିବାକୁ କୁହାଯାଇଛି । ଯେଉଁ ଅଞ୍ଚଳରେ ଭିଜିଲାନ୍ସ କମିଟି ଗଠନ ହୋଇନାହିଁ ସେସବୁ ୬ମାସ ଭିତରେ ତୁରନ୍ତ ଗଠନ କରିବାକୁ କୁହାଯାଇଛି ।

ଏହା ନିଶ୍ଚିତ ଭାବରେ ଦୁଃଖଦ ପ୍ରସଙ୍ଗ ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ଢ଼େର ବର୍ଷ ବିତିଗଲା ପରେ ବି ଆମ ସାମାଜିକ ପରିବେଶରେ ଗୋଡିଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ଅନେକ ବିପଜ୍ଜନକ କ୍ଷେତ୍ରରେ ସେମାନଙ୍କ ଜୀବନ ହାନୀ ହେଉଥିବାର ଖବର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ । ସେଥିସହ କିଛି କାର୍ଯ୍ୟକ୍ଷେତ୍ରରେ ଏହି ଶ୍ରମିକମାନେ ଶୋଷିତ ହେଉଥିବାର ଖବର ମଧ ପ୍ରକାଶ ପାଏ ।

ଗୋଡିଶ୍ରମିକ ପ୍ରଥା ବନ୍ଦ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପୂର୍ବରୁ ଭାରତର ବିଭିନ୍ନ ହାଇକୋର୍ଟରେ ଏ ନେଇ ମାମଲା ରୁଜୁ ହୋଇଛି ଆଉ ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ ଦୃଷ୍ଟାନ୍ତମୂଳକ ରାୟ ପ୍ରଦାନ କରିଛନ୍ତି । ତେବେ ସରକାରୀ ସ୍ତରରେ ପ୍ରଶାସନକୁ ସତର୍କ କରିବା ସହ ଶ୍ରମବିଭାଗକୁ ଏନେଇ ଆର୍ଲଟ କରାଯିବା ଜରୁରୀ । ଗୋଡିଶ୍ରମିକଙ୍କ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନର ଫାଙ୍କ ରହୁଥିବାରୁ ଅନେକ କ୍ଷେତ୍ରରେ ଶ୍ରମଜୀବୀମାନେ ଦାଦନଭାବେ କେବଳ ବାହାର ରାଜ୍ୟ ନୁହେଁ ବିଦେଶକୁ ଯାଇ ଅକଥନୀୟ ଯନ୍ତ୍ରଣା ପାଇଥାନ୍ତି । ଏ କ୍ଷେତ୍ରରେ ଦାଦନ ଶ୍ରମିକ ନିରୋଧ ଆଇନର ବିଧି ବ୍ୟବସ୍ଥା ସେପରି ନଥିବାରୁ ଏହାର ଫାଇଦା ତଥା କଥିତ ଦଲାଲ ଓ ଠିକାଦାରମାନେ ଉଠାଇଥାନ୍ତି । ଗୋଡି ଶ୍ରମିକଙ୍କ ସୁରକ୍ଷା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଆଇନ କାର୍ଯ୍ୟକାରୀ କରୁଥିଲେ ବି କିଛି ରାଜ୍ୟରେ ଏହି ଆଇନ ପ୍ରଣୀତ ହୋଇନଥିବାରୁ ଏହାର ଫାଇଦା ଉଠାଯାଉଛି ।

ଶୋଷିତ ହେବା ସହ ସୁରକ୍ଷିତ ଆଇନ ନଥିବାରୁ ଏହି ଶ୍ରମିକମାନେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଥାନ୍ତି । ପ୍ରତିବର୍ଷ ଶ୍ରମଦିବସରେ ଗୋଡିଶ୍ରମିକଙ୍କ ସୁରକ୍ଷା ପାଇଁ ଫମ୍ପା ଘୋଷଣାର ଆବାଜ୍ ଶୁଭିଥାଏ ସିନା କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିବାରୁ ଏବଂ ଏନେଇ ସଚେତନତା ସୃଷ୍ଟି ହୋଇନଥିବାରୁ ଆଇନର ଦୁର୍ବଳତାରୁ ଫାଇଦା ଉଠାଇଥାନ୍ତି ତଥାକଥିତ ଶୋଷକ ବର୍ଗର ଠିକାଦାର ଓ ସର୍ଦ୍ଦାରମାନେ । ତେଣୁ ତୁରନ୍ତ ଗୋଡିଶ୍ରମିକ ନିରୋଧ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରାଗଲେ ବର୍ଷ ବର୍ଷର ଏହି ଯନ୍ତ୍ରଣାକୁ ଭୋଗୁଥିବା ଶ୍ରମଜୀବୀଙ୍କ ମୁହଁରେ ହସ ଫୁଟିପାରନ୍ତା ।

ଦୂରଭାଷ : ୯୪୩୭୨୫୭୧୨୩

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ଜିନ୍ଦାବାଦ !

**ଅସିତ ମହାନ୍ତି**

"

**ମଇ ଦିବସ ଆମକୁ ମନେ ପକାଇ ଦିଏ ଯେ ଶ୍ରମିକମାନଙ୍କ ବିନା ସମାଜ ଏବଂ ଅର୍ଥନୀତି ଅସ୍ତିତ୍ୱ କରିପାରିବ ନାହିଁ। ଏହି ଦିନ କେବଳ ଏକ ଉତ୍ସବ ନୁହେଁ, ବରଂ ସଂଘର୍ଷର ଆହ୍ୱାନ। ଆଜି ଆମକୁ ଶ୍ରମିକମାନଙ୍କ ସ୍ୱରକୁ ପୁନର୍ବାର ଉଜ୍ଜ୍ୱଳ କରିବା, ୟୁନିଅନଗୁଡ଼ିକୁ ସଶକ୍ତ କରିବା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଆର୍ଥିକ ଅଭିବୃଦ୍ଧିର ଲାଭ ପ୍ରତ୍ୟେକ ଶ୍ରମିକଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ଆବଶ୍ୟକ।ମଇ ଦିବସର ବାର୍ତ୍ତା ହେଉଛି ଯେ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ନିରନ୍ତର ସଂଘର୍ଷ ଅତ୍ୟାବଶ୍ୟକ। ଇତିହାସ ଆମକୁ କୁହେ ଯେ ଯେତେବେଳେ ଶ୍ରମିକମାନେ ଏକତ୍ରିତ ହୁଅନ୍ତି, ସେମାନେ ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରିବେ। ବର୍ତ୍ତମାନ ସମୟରେ ମଧ, ଏହି ଏକତା ଏବଂ ସଂଘର୍ଷ ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ସୁରକ୍ଷିତ କରିପାରିବ।**

ଅନ୍ତର୍ଜାତୀୟ ଶ୍ରମିକ ଦିବସ, ଯାହାକୁ ଆମେ 'ମଇ ଦିବସ' ବୋଲି କହୁ, ଶ୍ରମିକଙ୍କ ସଂଘର୍ଷ ଏବଂ ସେମାନଙ୍କ ଅଧିକାରର ଏକ ଐତିହାସିକ ଗାଥା। ୧୮୮୬ ଚିକାଗୋ ହେ ମାର୍କେଟ୍ ଆନ୍ଦୋଳନରୁ ଜନ୍ମିତ ଏହି ଦିନଟି ଆଜି ମଧ ଆମକୁ ମନେ ପକାଇ ଦିଏ ଯେ ଶ୍ରମିକଙ୍କ ଅଧିକାରର ସୁରକ୍ଷା ପାଇଁ ନିରନ୍ତର ସଂଘର୍ଷ ଅତ୍ୟାବଶ୍ୟକ। ବର୍ତ୍ତମାନର ସମୟରେ, ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ କର୍ପୋରେଟ୍ ଚାପ ପୁଣି ଥରେ ଏହି ଅଧିକାରଗୁଡ଼ିକୁ ଚୂର୍ଣ୍ଣ କରିବାକୁ ଚେଷ୍ଟା କରିଛି। ମଇ ଦିବସର ଇତିହାସ ଊନବିଂଶ ଶତାବ୍ଦୀର ଶିଳ୍ପ ଆମେରିକାରେ ମୂଳ। ସେତେବେଳେ, ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ ପରିସ୍ଥିତିରେ ଦିନକୁ ବାରରୁ ଷୋହଳ ଘଣ୍ଟା କାମ କରିବାକୁ ବାଧ କରାଯାଉଥିଲା। ଏହି ଶୋଷଣ ବିରୁଦ୍ଧରେ, ୧ ମଇ, ୧୮୮୬ ରେ, ଚିକାଗୋରେ ଲକ୍ଷ ଲକ୍ଷ ଶ୍ରମିକ ଆଠ ଘଣ୍ଟା କାମ, ଆଠ ଘଣ୍ଟା ବିଶ୍ରାମ ଏବଂ ଆଠ ଘଣ୍ଟା ମୁକ୍ତ ସମୟ ଦାବି କରି ଧର୍ମଘଟ କରିଥିଲେ। ତିନି ଦିନ ପରେ, ହେମାର୍କେଟ୍ ସ୍କୋୟାରରେ ଏକ ଶାନ୍ତିପୂର୍ଣ୍ଣ ସମାବେଶ ସମୟରେ ଏକ ବୋମା ବିସ୍ଫୋରଣ ହୋଇଥିଲା, ପୋଲିସ ଗୁଳିରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଶ୍ରମିକ ଆନ୍ଦୋଳନକୁ ଏକ ଅନ୍ତର୍ଜାତୀୟ ପରିମାଣ ଦେଇଥିଲା ଏବଂ ୧୮୮୯ ରେ ଦ୍ୱିତୀୟ ଅନ୍ତର୍ଜାତୀୟ ମେ ୧ ତାରିଖକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଭାବରେ ଘୋଷଣା କରିଥିଲା। ଏହି ଦିନଟି ସେବେଠାରୁ ସାରା ବିଶ୍ୱରେ ଶ୍ରମିକ ଏକତା ଏବଂ ଅଧିକାରର ପ୍ରତୀକ ପାଲଟିଛି। ଭାରତରେ ପ୍ରଥମ ଥର ପାଇଁ ମେ ଦିବସ ପାଳନ ୧୯୨୩ ମସିହାରେ ମାଡ୍ରାସରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଏହାକୁ 'ଶ୍ରମିକ ଦିବସ' ବୋଲି କୁହାଯାଉଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ମଧ ଶ୍ରମିକ ଆନ୍ଦୋଳନଗୁଡ଼ିକ ବ୍ରିଟିଶ ଉପନିବେଶବାଦୀ ଶାସନକୁ ଚ୍ୟାଲେଞ୍ଜ କରିଥିଲେ। ଧୀରେ ଧୀରେ, ଏହି ଦିନଟି ଭାରତୀୟ ଶ୍ରମିକଙ୍କ ସଂଘର୍ଷ ଏବଂ ଏକତାର ପ୍ରତୀକ ପାଲଟିଥିଲା। ଆଜି, ପ୍ରଯୁକ୍ତିବିଦ୍ୟାର ଉନ୍ନତି ଏବଂ ବିଶ୍ୱ ପୁଞ୍ଜିବାଦ ଶ୍ରମର ପ୍ରକୃତିକୁ ପରିବର୍ତ୍ତନ କରିଥିବାରୁ, ଶ୍ରମିକଙ୍କ ଅଧିକାର ନୂତନ ବିପଦର ସମ୍ମୁଖୀନ ହେଉଛି। ଗିଗ୍ ଅର୍ଥନୀତି ଏବଂ ଚୁକ୍ତିଭିତ୍ତିକ ଶ୍ରମ ସ୍ଥିର ନିଯୁକ୍ତିକୁ ଦୁର୍ବଳ କରିଦେଇଛି। ଲକ୍ଷ ଲକ୍ଷ ଲୋକ ସାମାଜିକ ସୁରକ୍ଷା କିମ୍ବା ନ୍ୟାୟସଙ୍ଗତ ମଜୁରୀ ବିନା ଅସୁରକ୍ଷିତ ଚାକିରିରେ କାମ କରୁଛନ୍ତି। ଶ୍ରମିକ ସଂଘଗୁଡ଼ିକୁ ଦୁର୍ବଳ କରିବା ପାଇଁ ପ୍ରୟାସ ଜାରି ରହିଛି, ଏବଂ ଶ୍ରମିକଙ୍କ ସାମୂହିକ ସ୍ୱରକୁ ଦମନ କରାଯାଉଛି।

ଏହା ବ୍ୟତୀତ, ଜଳବାୟୁ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟ ସଙ୍କଟ ଶ୍ରମିକମାନଙ୍କୁ ଆହୁରି ଦୁର୍ବଳ କରିଦେଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସମ୍ପ୍ରତି ଚେତାବନୀ ଦେଇଛି ଯେ ୭୦% ରୁ ଅଧିକ ଶ୍ରମିକ ଜଳବାୟୁ ଜନିତ ସ୍ୱାସ୍ଥ୍ୟ ବିପଦର ସମ୍ମୁଖୀନ ହେଉଛନ୍ତି। ଭାରତରେ ଶ୍ରମିକଙ୍କ ପରିସ୍ଥିତି ମଧ ଚିନ୍ତାଜନକ। ଅସଂଗଠିତ କ୍ଷେତ୍ରରେ ଲକ୍ଷ ଲକ୍ଷ ଶ୍ରମିକ ସର୍ବନିମ୍ନ ମଜୁରୀ, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷାରୁ ବଞ୍ଚିତ। ମହାମାରୀ ସମୟରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ସ୍ପଷ୍ଟ କରିଛି ଯେ ଶ୍ରମିକଙ୍କ ଅଧିକାର କେବଳ କାଗଜପତ୍ରରେ ସୁରକ୍ଷିତ; ବାସ୍ତବରେ, ସେମାନଙ୍କୁ ନିରନ୍ତର ଦଳିତ କରାଯାଉଛି। ଗତ କିଛି ଦଶନ୍ଧି ଧରି ଭାରତରେ ଶ୍ରମିକ ଅଧିକାର ଧୀରେ ଧୀରେ ଦୁର୍ବଳ ହୋଇଛି। ଠିକା ଶ୍ରମିକ ଏବଂ ଅସ୍ଥାୟୀ ନିଯୁକ୍ତି ସ୍ଥାୟୀ ଚାକିରିର ସୁରକ୍ଷାକୁ କ୍ଷୁଣ୍ଣ କରିଛି। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀଠାରୁ କମ୍ ଦରରେ କାମ କରିବାକୁ ବାଧ କରାଯାଉଛି, ଏବଂ ଯେତେବେଳେ ସେମାନେ ପ୍ରତିବାଦ କରନ୍ତି, ସେମାନେ ପୋଲିସ ଦମନର ସମ୍ମୁଖୀନ ହୁଅନ୍ତି। ଉଦାହରଣ ସ୍ୱରୂପ, ଅନେକ ଶିଳ୍ପ କ୍ଷେତ୍ରରେ, ଧର୍ମଘଟ କରୁଥିବା ଶ୍ରମିକମାନଙ୍କୁ ଗିରଫ କରାଯାଇଛି, ସେମାନଙ୍କର ୟୁନିଅନଗୁଡ଼ିକୁ ଭାଙ୍ଗି ଦିଆଯାଇଛି, ଏବଂ 'ଆଇନ ଏବଂ ଶୃଙ୍ଖଳା' ନାମରେ ସେମାନଙ୍କୁ ନୀରବ କରାଯାଇଛି। କୋଭିଡ-୧୯ ମହାମାରୀ ସମୟରେ



ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ସ୍ପଷ୍ଟ କରିଛି ଯେ ସେମାନଙ୍କର ଅଧିକାର କେତେ ଦୁର୍ବଳ। ଲକ୍ଷ ଲକ୍ଷ ଶ୍ରମିକ କୌଣସି ସରକାରୀ ସହାୟତା ବିନା ପାଦରେ ଚାଲି ସେମାନଙ୍କ ଗାଁକୁ ଫେରିଥିଲେ।

ଏହି ପରିସ୍ଥିତି ଦର୍ଶାଉଛି ଯେ ସାମାଜିକ ସୁରକ୍ଷା ଏବଂ ଶ୍ରମିକଙ୍କ ପ୍ରତି ସମ୍ମାନ କେବଳ କାଗଜପତ୍ରରେ ପ୍ରତିଶ୍ରୁତି ହୋଇ ରହିଛି। ଏହା ବ୍ୟତୀତ, ସାମ୍ପ୍ରତିକ ଶ୍ରମ ଆଇନ ସଂଶୋଧନ କାର୍ଯ୍ୟ ଘଣ୍ଟା ବୃଦ୍ଧି କରିଛି ଏବଂ ୟୁନିଅନର ଶକ୍ତି ହ୍ରାସ କରିଛି, ଶ୍ରମିକଙ୍କ ସାମୂହିକ ସ୍ୱରକୁ ଦମନ କରିଛି। ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ, ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଭାରତରେ ଶ୍ରମିକଙ୍କ ଅଧିକାରର ଦମନ କେବଳ ଆର୍ଥିକ ନୀତିର ଫଳାଫଳ ନୁହେଁ, ବରଂ ଏକ ବ୍ୟବସ୍ଥିତ ପ୍ରକ୍ରିୟା ଯେଉଁଥିରେ ଶ୍ରମିକମାନଙ୍କୁ ଉତ୍ପାଦନର ଏକ ମାଧ୍ୟମ ଭାବରେ ବ୍ୟବହାର କରାଯାଏ, ସେମାନଙ୍କ ମାନବିକ ଅଧିକାରକୁ ଅଣଦେଖା କରାଯାଏ।

ଏହି ଦିନଟି ଆମକୁ ଶ୍ରମିକମାନଙ୍କ ସ୍ୱରକୁ ପୁନର୍ବାର ଉଜ୍ଜ୍ୱଳ କରିବାକୁ ପ୍ରେରଣା ଦିଏ, ଯାହା ଦ୍ୱାରା ସେମାନଙ୍କ ଶ୍ରମ ସମାଜରେ ନ୍ୟାୟ ଏବଂ ସମାନତାର ମୂଳଦୁଆ ହୋଇଯାଏ, କେବଳ ପୁଞ୍ଜିପତିମାନଙ୍କ ପାଇଁ ଲାଭର ଏକ ମାଧ୍ୟମ ନୁହେଁ।

ମଇ ଦିବସ ଆମକୁ ମନେ ପକାଇ ଦିଏ ଯେ ଶ୍ରମିକମାନଙ୍କ ବିନା ସମାଜ ଏବଂ ଅର୍ଥନୀତି ଅସ୍ତିତ୍ୱ କରିପାରିବ ନାହିଁ। ଏହି ଦିନ କେବଳ ଏକ ଉତ୍ସବ ନୁହେଁ, ବରଂ ସଂଘର୍ଷର ଆହ୍ୱାନ। ଆଜି ଆମକୁ ଶ୍ରମିକମାନଙ୍କ ସ୍ୱରକୁ ପୁନର୍ବାର ଉଜ୍ଜ୍ୱଳ କରିବା, ୟୁନିଅନଗୁଡ଼ିକୁ ସଶକ୍ତ କରିବା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଆର୍ଥିକ ଅଭିବୃଦ୍ଧିର ଲାଭ ପ୍ରତ୍ୟେକ ଶ୍ରମିକଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ଆବଶ୍ୟକ।ମଇ ଦିବସର ବାର୍ତ୍ତା ହେଉଛି ଯେ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ନିରନ୍ତର ସଂଘର୍ଷ ଅତ୍ୟାବଶ୍ୟକ। ଇତିହାସ ଆମକୁ କୁହେ ଯେ ଯେତେବେଳେ ଶ୍ରମିକମାନେ ଏକତ୍ର ହୁଅନ୍ତି, ସେମାନେ ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରିବେ। ବର୍ତ୍ତମାନ ସମୟରେ ମଧ, ଏହି ଏକତା ଏବଂ ସଂଘର୍ଷ ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ସୁରକ୍ଷିତ କରିପାରିବ।

ଶ୍ରମିକମାନଙ୍କ ଅଧିକାର ଫେରିପାଇବା ପାଇଁ, କେବଳ ଆଇନ କିମ୍ବା ନୀତି ଉପରେ ନିର୍ଭର କରିବା ଯଥେଷ୍ଟ ନୁହେଁ; ଶ୍ରମିକମାନଙ୍କୁ ନିଜକୁ ସଂଗଠିତ ଏବଂ ଲଢ଼ିବାକୁ ପଡିବ। ଇତିହାସ ଆମକୁ କୁହେ ଯେ ଯେତେବେଳେ ଶ୍ରମିକମାନେ ଏକତ୍ର ହୁଅନ୍ତି, ସେତେବେଳେ କେବଳ ଆଠ ଘଣ୍ଟା କାର୍ଯ୍ୟ ଦିବସର ଅଧିକାର, ସର୍ବନିମ୍ନ ମଜୁରି ଏବଂ ସୁରକ୍ଷା ଭଳି ସଫଳତା ହାସଲ ହୋଇଥିଲା। ଆଜି, ଯେତେବେଳେ ଚୁକ୍ତିଭିତ୍ତିକ ଶ୍ରମିକ, ଗିଗ୍ ଅର୍ଥନୀତି ଏବଂ କର୍ପୋରେଟ୍ ଚାପ ଶ୍ରମିକମାନଙ୍କ ସ୍ଥିତିକୁ ଦୁର୍ବଳ କରିଦେଇଛି, ସେମାନଙ୍କୁ ପ୍ରଥମେ ସେମାନଙ୍କର ସାମୂହିକ ଶକ୍ତିକୁ ପୁନଃସ୍ଥାପିତ କରିବାକୁ ପଡିବ। ୟୁନିଅନଗୁଡ଼ିକୁ ସୁଦୃଢ଼ କରିବା ଏହି ଦିଗରେ ସବୁଠାରୁ ବଡ଼ ପଦକ୍ଷେପ। କେବଳ ଏକ ସଂଗଠିତ ସ୍ୱର ପୁଞ୍ଜି ଏବଂ ଶକ୍ତି ବିରୁଦ୍ଧରେ ଠିଆ ହୋଇପାରିବ। ଏହା ସହିତ, ଶ୍ରମିକମାନଙ୍କୁ ବିଶ୍ୱ ସ୍ତରରେ ସେମାନଙ୍କର ସଂଘର୍ଷକୁ ସଂଯୋଗ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଚ୍ୟାନେଲ ବ୍ୟବହାର କରିବାକୁ ପଡିବ। ସାମାଜିକ ଗଣମାଧ୍ୟମ ଏବଂ ଅନ୍ତର୍ଜାତୀୟ ନେଟୱାର୍କିଂ ମାଧ୍ୟମରେ ସେମାନେ ସେମାନଙ୍କର ସମସ୍ୟାଗୁଡ଼ିକୁ ଏକ ବ୍ୟାପକ ମଞ୍ଚକୁ ଆଣିପାରିବେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆଇନଗତ ଏବଂ ନୀତିଗତ ଚାପ। ଶ୍ରମିକମାନେ ସେମାନଙ୍କର ଅଧିକାରର ସୁରକ୍ଷା ପାଇଁ କୋର୍ଟ ଏବଂ ସଂସଦରେ ସ୍ୱର ଉଠାଇବାକୁ ପଡିବ। ସଚେତନ ରହିବା ଏବଂ ଶ୍ରମ ଆଇନରେ ପରିବର୍ତ୍ତନକୁ ବିରୋଧ କରିବା ଅତ୍ୟନ୍ତ ଜରୁରୀ। ତୃତୀୟ ପଥ ହେଉଛି ଜନସଚେତନତା ଏବଂ ଏକତା। ଯେତେବେଳେ ସମାଜ ବୁଝିବ ଯେ ଶ୍ରମିକମାନଙ୍କ ବିନା ଅର୍ଥନୀତି ଅସମ୍ଭବ, କେବଳ ସେତେବେଳେ ସେମାନଙ୍କର ଅଧିକାରକୁ ଗମ୍ଭୀରତାର ସହିତ ନିଆଯିବ। ଏଥିପାଇଁ ଶିକ୍ଷା, ସାଂସ୍କୃତିକ ଆନ୍ଦୋଳନ ଏବଂ ଜନସମ୍ପର୍କ ଅଭିଯାନ ଅତ୍ୟନ୍ତ ଜରୁରୀ। ଶେଷରେ, ଶ୍ରମିକମାନଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ଅଧିକାର କେବେ ସ୍ଥାୟୀ ଭାବରେ ପ୍ରଦାନ କରାଯାଏ ନାହିଁ, ବରଂ ନିରନ୍ତର ସଂଘର୍ଷ ଏବଂ ଏକତା ମାଧ୍ୟମରେ ବଜାୟ ରଖିବାକୁ ପଡିବ। ମେ ଦିବସର ବାର୍ତ୍ତା ହେଉଛି ଯେ ଶ୍ରମିକମାନଙ୍କର ମୁକ୍ତି କେବଳ ସେମାନଙ୍କର ସାମୂହିକ ପ୍ରୟାସ ଏବଂ ନିରନ୍ତର ସଂଘର୍ଷ ଦ୍ୱାରା ସମ୍ଭବ।

ମୋ- ୯୪୩୭୨୮୮୦୨୮

## ସାମ୍ବାଦିକଙ୍କୁ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭାପୁର,୩୦ ।୪ (ନିପ୍ର); ଦେଶର ଚତୁର୍ଥସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧିମାନେ ନିଜକୁ ବିପଦରେ ପକେଇ ଅନ୍ୟର ସୁରକ୍ଷା ଓ ସମସ୍ୟାର ସମାଧାନ ନିମନ୍ତେ ସର୍ବଦା ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ଆଜି ସେ ସରକାରଙ୍କ ଦ୍ୱାରା ଉପେକ୍ଷିତ ।ରାଜ୍ୟର କର୍ତ୍ତବ୍ୟରତ ସାମ୍ବାଦିକମାନେ ଆର୍ଥିକ ଓ ସାମାଜିକସ୍ଥିତିରେ ଦୁର୍ବଳ ତଥାପି ବିପଦକୁ ବରଣ କରି ଖବର ସଂଗ୍ରହ କରିଥାନ୍ତି । ଦେଶର ୨୦ ଟି ରାଜ୍ୟରେ ୧୦ ହଜାର ରୁ ୨୫ ହଜାର ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା ଏବଂ ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରୁଛନ୍ତି କିନ୍ତୁ,ଓଡିଶା



ସରକାରଙ୍କ ତରଫରୁ ସୀମିତ ଯୋଜନା ବ୍ୟତୀତ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି । ଏହି ପରିପ୍ରେକ୍ଷୀରେ, ରାଜ୍ୟର ସର୍ବ ପୁରାତନ ଓ ବୃହତ୍ ସାମ୍ବାଦିକ ୟୁନିୟନ ଉତ୍କଳ ସାମ୍ବାଦିକ ସଂଘ ଡାକରାରେ ଭାପୁର ବ୍ଲକ ପେସାଦାର ସାମ୍ବାଦିକ ସଂଘର ସଭ୍ୟ ମାନଙ୍କ ପକ୍ଷରୁ ଭାପୁର ବ୍ଲକ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଷରେ ଏକ ଦ୍ୱୀପତ୍ର ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟ ଅଧିସ୍ୱୀକୃତି କମିଟି ପୁନର୍ଗଠନ, ସାମ୍ବାଦିକ ସୁରକ୍ଷା,ମାସିକ ପେନସନ ବ୍ୟବସ୍ଥା ଆଦି ମୌଳିକ ସମସ୍ୟା ଗୁଡିକ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଛି ନଚେତ ଆଗାମୀ ଦିନରେ ଏକ ବଡ଼ ଧରଣର ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଚେତାଇ ଦିଆଯାଇଛି ।

## ଗ୍ୟାସ ସିଲିଣ୍ଡରର ଯୋଗାଣ ଓ ଦର ନିୟନ୍ତ୍ରଣ ପାଇଁ ବୈଠକ

ଯାଜପୁର,୩୦ ।୪ (ନିପ୍ର): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିପତ୍ତି ପରିଚାଳନା ଗ୍ରୁପ୍ ଏବଂ ସମସ୍ତ ଇନ୍ଧନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ରନ୍ଧନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଦରଦାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଗ୍ୟାସ ଏଜେନ୍ସିମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଦୈନିକ ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେଇ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ । କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ତାଗିଦ୍ କରିଥିଲେ । ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ଜେଲ୍ ଭଳି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀ ଗୁଡିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ବିତରକ ଏଜେନ୍ସି ଯୋଗ ଦେଇଥିଲେ ।

## ଦେଶର ପ୍ରଥମ 'ନେଟ୍-ଜିରୋ' ପୋଷାକ କାରଖାନା

ନିରାକାରପୁର,୩୦ ।୪ (ନିପ୍ର): ଓଡ଼ିଶାର ଶିଳ୍ପ ବିପ୍ଳବରେ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି । ବିଶ୍ୱର ପ୍ରତିଷ୍ଠିତ ପୋଷାକ ପ୍ରସ୍ତୁତକାରୀ ସଂସ୍ଥା ଏପିକ ଗ୍ରୁପ୍ ପକ୍ଷରୁ ଖୋର୍ଦ୍ଧା ଜଂକିଆ କାଳିବତୀ ମୌଜାରେ ନିର୍ମିତ ଅତ୍ୟାଧୁନିକ 'ଟ୍ରାଇମେଟ୍ରୋ ମ୍ୟାନୁଫ୍ୟାକ୍ଚରିଂ କ୍ୟାମ୍ପସ' ଆଜି ଶୁଭାରମ୍ଭ ହୋଇଯାଇଛି । ୧୦୦ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୮୩୦ କୋଟି ଟଙ୍କା) ବିନିଯୋଗରେ ନିର୍ମିତ ଏହି ପ୍ରକଳ୍ପ ଭାରତର ପ୍ରଥମ ସମ୍ପୂର୍ଣ୍ଣ କାର୍ବନ-ମୁକ୍ତ ଏବଂ ଜଳ-ପ୍ରଦୂଷଣ ମୁକ୍ତ ପୋଷାକ କାରଖାନାର ମାନ୍ୟତା ପାଇଛି ।ଏହି ଭବ୍ୟ ଉଦଘାଟନୀ ଉତ୍ସବରେ ଟ୍ରାଇମେଟ୍ରୋ ଗାର୍ମେଣ୍ଟ ଇଣ୍ଡିଆର ନିର୍ଦ୍ଦେଶକ ଅନୁ ଆରୋରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥି ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ମନ୍ତ୍ରୀ,ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ବିଧାୟକ,ଆବୋଲି ସୁନୀଲ ନରଭାନେ, ଇପିକଲ ଏମଡି,ସୁନୀଲ ଦରିୟାନାନୀ, ଏପିକ ଗ୍ରୁପ୍ କାର୍ଯ୍ୟନିର୍ବାହୀ ଉପ-ଅଧ୍ୟକ୍ଷ ଓ ଦିନେଶ ବିରୱାନୀ, କାର୍ଯ୍ୟନିର୍ବାହୀ ଉପ-ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଏପିକ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରଞ୍ଜନ ମହତାନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାୟ ୪୦ ଏକର ପରିମିତ ଏହି କ୍ୟାମ୍ପସରେ ୧୦,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ଏହି କାରଖାନାରେ ୮୦ ପ୍ରତିଶତ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ସୌର ଶକ୍ତି, ବାୟୋମାସ ଏବଂ ଅତ୍ୟାଧୁନିକ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଏହା ସମ୍ପୂର୍ଣ୍ଣ ରୂପେ ପରିବେଶ ସୁରକ୍ଷିତ ରଖିବ । ଏଠାରୁ ବାର୍ଷିକ ୨ କୋଟି ପୋଷାକ ପ୍ରସ୍ତୁତ ହୋଇ ବିଶ୍ୱର ବଡ଼ ବଡ଼ ବ୍ରାଣ୍ଡକୁ ରପ୍ତାନି କରାଯିବ ।

## ମଧୁବାବୁଙ୍କର ଜୀବନ ବ୍ୟାପୀ ସାଧନା, ସଂଘର୍ଷ ଉପରେ ଆଲୋକପାତ

ରମ୍ଭା,୩୦ ।୪ (ନିପ୍ର): ସ୍ଥାନୀୟ ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନ ଓ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ତରଫରୁ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୟନ୍ତୀକୁ ସ୍ୱାଭିମାନ ଦିବସଭାବେ ପାଳନ କରାଯାଇଛି । ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଉଦି ଆରବରେ ଅବସ୍ଥାପିତ ଇଣ୍ଟର ନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନର ଚେୟାରମ୍ୟାନ ପ୍ରତାପ ନାୟକ, ସମ୍ମାନୀତ ଅତିଥିଭାବେ ଶ୍ରୀଜଗନ୍ନାଥ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ବକ୍ତାଭାବେ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ ଯୋଗଦେଇ ସ୍ୱାଭିମାନୀ ମଧୁବାବୁଙ୍କର ଜୀବନ ବ୍ୟାପୀ ସାଧନା, ସଂଘର୍ଷ ଓ ଓଡ଼ିଆ ଜାତିପାଇଁ ଥିବା ତାଙ୍କର ସମର୍ପଣତା ଉପରେ ଆଲୋକପାତ କରିଥିଲେ । ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭୂଖଣ୍ଡ, ଭାଷାର ସୁରକ୍ଷା, ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି, କଳା, ଐତିହ୍ୟ ସର୍ବୋପରି ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା ଦେଇ ସେ କିପରି ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ଥିଲେ ସେ ବିଷୟରେ ଅତିଥି ଓ ବକ୍ତାମାନେ ସ୍ୱୟ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସଂକ୍ରାନ୍ତ ବୈଠକ

ନୟାଗଡ଼,୩୦ ।୪ (ନିପ୍ର); ଅନୂସୁଚିତ ଜନଜାତି ଓ ଅନୂସୁଚିତ ଜାତି ଉନ୍ନୟନ,ସଂଖ୍ୟା ଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକର କଇଁଆ ଡିହ ,ଗୋଡିବିଡା,କୁଲୁରୁକୁମ୍ପା ଖଣ୍ଡପଡ଼ା ବ୍ଲକର ଇଛାପୁର, ନୂଆଗାଁ ବ୍ଲକର ନୂଆପଲା,ଥୁଆବାରି, ଓଡ଼ଗାଁ ବ୍ଲକର କୈବଲ୍ୟପୁର ଏବଂ ନୟାଗଡ଼ ବ୍ଲକର ହାଟଦ୍ୱାର ଅନ୍ତର୍ଭୁକ୍ତ ନିମନ୍ତେ ଜିଲ୍ଲାପାଳ, ନୟାଗଡ଼ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପ୍ରକଳ୍ପର ଅନୁମୋଦନ ଲାଗି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ଏଥିରେ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ, ନୟାଗଡ଼ ଲଗ୍ନଜିତ ରାଉତ ଯୋଗଦେଇ ଥିଲେ ।ଯୋଜନା ମାଧ୍ୟମରେ ଅନୂସୁଚିତ ଜାତି ବହୁଳ ଗ୍ରାମର ଉନ୍ନୟନ ସହ ସାମାଜିକ ଓ ଆର୍ଥିକ ଉନ୍ନତି କରଣ ଲାଗି ଉଦିଷ୍ଟ ଯୋଜନା ସମ୍ପର୍କରେ ଆଲୋଚନା କରାଗଲା । ଏହା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଯୋଜନା । ଯେଉଁ ଗ୍ରାମରେ ୪୦ ପ୍ରତିଶତ ଅନୁସୁଚିତ ଜାତିର ଲୋକ ବସବାସ କରୁଥିବେ ସେହି ଗ୍ରାମର ସାମଗ୍ରିକ ବିକାଶ ପାଇଁ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଉନ୍ନୟନ ଯୋଜନାର ଲକ୍ଷ୍ୟ ।ପ୍ରତ୍ୟେକ ଗ୍ରାମକୁ ୪୦ ଲକ୍ଷ ଲଖାଏଁ ଆର୍ଥିକ ରାଶିର ପ୍ରକଳ୍ପଗୁଡିକ ଅନୁମୋଦନ କରାଯାଇଛି । ଦଶପଲ୍ଲା ,ନୂଆଗାଁ, ଖଣ୍ଡପଡ଼ା, ନୟାଗଡ଼ ଓଡଗାଁର ମଣ୍ଡଳ ଅଧିକାରୀ , ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସହ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଏବଂ ସମସ୍ତ ମଙ୍ଗଳ ସଂପ୍ରସାରଣ ଅଧିକାରୀ ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଦର ସହ ପୋଖରିଗୋଛା,ସିମିଳିସାହି,କୁଲୁରୁକୁମ୍ପା, ଖଳିସାହି, ଦୁଦୁରା ଚଣ୍ଡିବସ୍ତ ଓ ଲକ୍ଷୀପ୍ରସାଦ ଗ୍ରାମପଞ୍ଚାୟତର ସରପଞ୍ଚ ସହ , ବ୍ଲକର ସହାୟକ ଯନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମଙ୍ଗଳ ଅଧିକାରୀ ପରିଚାଳନା କରିଥିଲେ ।

# ପଟ୍ଟନାୟକ ବନ୍ଧ ପୁନରୁଦ୍ଧାରରେ ଅର୍ଥ ହେରଫେର ଅଭିଯୋଗ ନେଇ ଭିଜିଲାନ୍ସ ତଦନ୍ତ ଆରମ୍ଭ

ପାରଳାଖେମୁଣ୍ଡି,୩୦ ।୪(ନିପ୍ର):ପାରଳାଖେମୁଣ୍ଡି ପୌରପରିଷଦର ବହୁଚର୍ଚ୍ଚିତ ପଟ୍ଟନାୟକ ପୋଖରୀ ବିକାଶ ଦୁର୍ନୀତି ଅଭିଯୋଗର ତଦନ୍ତ ଆଜି ପୁଣି ଆରମ୍ଭ କରିଛି ଭିଜିଲାନ୍ସ । ତେବେ ପୌରପରିଷଦର କାର୍ଯ୍ୟଶୈଳୀକୁ ଦେଖି ଭିଜିଲାନ୍ସ ଟିମ୍ ତାଜୁବ ହୋଇଥିବାର ଜଣାପଡିଛି । ଆଜି ବି ପୁଣି ସେହି ମାପଚୁପ, ପୁଣି ସଫେଇ କାର୍ଯ୍ୟ ଚାଲିଛି । ତେବେ ପୌରପରିଷଦର ଏପରି ବିଚିତ୍ର ବ୍ୟବସ୍ଥାକୁ ଦେଖିଲେ ଭିଜିଲାନ୍ସ ନିରପେକ୍ଷ ଭାବେ କେବେ ତଦନ୍ତ ଆରମ୍ଭ କରିବେ, କେବେ ଦୁର୍ନୀତିର ପର୍ଦ୍ଦାଫାସ କରିବେ ତାହା ଜଣାପଡୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ପୌରପରିଷଦରେ ଥିବା ସର୍ବପୁରାତନ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ ଗତ ତିନିମାସ ପୂର୍ବେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିବାକୁ ଏକ ଟିମ୍ ଆସିଥିଲେ । ହେଲେ ଏହି ପୋଖରୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ପୋଖରୀ ମଧ୍ୟରେ ଥିବା ପରିସ୍ଥିତିକୁ ଦେଖି ସେତେବେଳେ ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭିଜିଲାନ୍ସ ଟିମ୍‌ର ନିର୍ଦ୍ଦେଶ ପ୍ରକାରେ ତହିଁ ପରଦିନ ହିଁ ପୌରପରିଷଦ ପକ୍ଷରୁ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ହେଲେ ମାତ୍ର କେତେ ଦିନ ସଫେଇ କାର୍ଯ୍ୟ କରି ବନ୍ଦ କରିଦେଇଥିଲେ ।



ତେବେ ଆଜି ପୁଣି ବ୍ରହ୍ମପୁର ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ପାରଳାଖେମୁଣ୍ଡି ସ୍ଥିତ ପଟ୍ଟନାୟକ ବନ୍ଧରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲେ । ହେଲେ ପୁଣି ସେହି ପୂର୍ବାବସ୍ଥାକୁ ଦେଖି ସଫେଇ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ଧ ପରିସର ସଫେଇ ହେବା ପରେ ପୁଣି ଏହି ଟିମ୍ ତଦନ୍ତ କରିବେ ବୋଲି ଜଣାପଡିଛି । ତେବେ ଆଜି ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ମଧ୍ୟ ଉପସ୍ଥିତଥିବାର ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ପଟ୍ଟନାୟକ ବନ୍ଧର ମୋଟ ୩ ଏକର ୩୬୫ ଡେସିମିଲ୍ ପରିଧିରେ ରହିଥିଲା । ତେବେ କାଳକ୍ରମେ ଏହାର ପରିସର ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇ କେବଳ ଜଳ ରହଣୀସ୍ଥଳ ହିଁ ବଳକା ହୋଇଛି । ଏହାର ପାଣି ବନ୍ଧର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ସରକାର ଯଥା କ୍ରମେ ୧ କୋଟି ୮୬ ଲକ୍ଷ ୫ ହଜାର ଓ ୨୫ଲକ୍ଷ ଟଙ୍କା ଏପରି ଭାବେ ମୋଟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ, କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା । ପୁନରୁଦ୍ଧାର ନାମରେ ଯେବେ ଠାରୁ କାମ ଆରମ୍ଭ ହେଲା ସେବେ ଠାରୁ ଏହାର ପତନ ମଧ୍ୟ ଆରମ୍ଭ ହେଲା । ପର୍ଯ୍ୟାୟ କ୍ରମେ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ସମାପନ ହୋଇପାରିଲା ନାହିଁ । ଆଜକୁ ପ୍ରାୟ ୧୧ ବର୍ଷରୁ ଊର୍ଦ୍ଧ୍ୱେ ସମୟ ଧରି ଏହି ବନ୍ଧ ଲୋକଙ୍କ କୌଣସି ବି ଉପଯୋଗରେ ନ ଆସି ବରଂ ଏହାର ପୂତିମୟଗନ୍ଧ ଅଞ୍ଚଳର ପରିବେଶକୁ ଦୂଷିତ କରୁଛି । ସେହିପରି ଏହାର ଆଖପାଖ ଅଞ୍ଚଳରେ ଅନାବନା ଗଛଲତା ଉଠିଯାଇଥିବାର ଦେଖିବାକୁ ମିଳୁଛି । ଫଳରେ ପଟ୍ଟାନାୟକ ପୋଖରୀ ଅଞ୍ଚଳରେ ଥିବା ମହାବିଦ୍ୟାଳୟ, ବିଭିନ୍ନ ମଠ ମନ୍ଦିର, ଜନବସତି ଗୁଡକରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଅନ୍ୟପକ୍ଷେ ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି ଯେ, ପୋଖରୀର ପୁରୁଣା କାମ କେତେ ଦୂର କାର୍ଯ୍ୟ ହୋଇଛି ତାହାକୁ ନେଇ କଟକରୁ ଚାରି ଜଣିଆ ଭିଜିଲାନ୍ସ ବୈଷୟିକ ଟିମ୍ ମଧ୍ୟ ପହଞ୍ଚି ମାପଚୁପ କରିଛନ୍ତି । ତେବେ ଏହି ତଦନ୍ତ କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡିନି ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ କାର୍ଯ୍ୟକ୍ରମ

ରାୟଗଡା,୩୦ ।୪ (ନିପ୍ର): ମଇ ୧ତାରିଖରେ ଓଡିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ୧/୦୫/୨୦୨୬ରିଖ ଦିନ ରାୟଗଡ଼ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ଉନ୍ନୟନ, ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଗାରିମାମୟ ଉପସ୍ଥିତିରେ ହସ୍ତାନ୍ତର ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଡ଼କ ଭିତ୍ତିଭୂମି ଗ୍ରାମୀଣ ବିକାଶର ଏକ ମୌଳିକ ସ୍ତମ୍ଭ ସ୍ଥାପନ କରିବ । ରାୟଗଡ଼ର ସ୍ଥାନୀୟ ଜେସ୍କୋ ପଡିଆରେ ଏଥି ନିମନ୍ତେ ଭବ୍ୟ କାର୍ଯ୍ୟକ୍ରମ ଆସନ୍ତା ୧/୦୫/୨୦୨୬ରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ତାଙ୍କର ରାୟଗଡ଼ ଗସ୍ତ କାର୍ଯ୍ୟକ୍ରମରେ ୮୨୭ଟି ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ୍ ସଡ଼କ ଯୋଜନା- ୪ର ସ୍ୱୀକୃତି ପତ୍ର ହସ୍ତାନ୍ତର କରିବେ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । ରାୟଗଡ଼ ଜିଲ୍ଲାରେ ୨୭୪ଟି ରାସ୍ତା ନିର୍ମାଣ କରାଯିବ । ଏଥି ପାଇଁ ୫୬୨. ୧୦କୋଟି ଟଙ୍କା ବ୍ୟୟ କରାଯିବ । ଏହି ସଡ଼କ ଯୋଗୁଁ ଜିଲ୍ଲାର ୩୧୪ଟି ଜନବସତି ଗ୍ରାମକୁ ଯୋଗାଯୋଗ ହୋଇପାରିବ । ଜିଲ୍ଲାରେ ନୂତନ ଭାବରେ ୫୫୨. ୨୧କିଲୋମିଟର ନୂତନ ରାସ୍ତା ନିର୍ମାଣ ହେବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ରେ ରାୟଗଡ଼ ଜିଲ୍ଲା ଓଡିଶାରେ ସର୍ବାଧିକ ପ୍ରକଳ୍ପ ରହିଛି । ଏହିଁ ଯୋଜନାରେ ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ସେବାର ଉପଲବ୍ଧତାକୁ ସକ୍ଷମ କରିବା, କୃଷି ଆୟ ବୃଦ୍ଧି କରିବା, ଉତ୍ପାଦନଶୀଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚାରିଛକ,୩୦।୪(ନିପ୍ର): ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ,ମୁଖ୍ୟବକ୍ତାଭାବେ ନିଆଳୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ କୁମାର ମହାପାତ୍ର,ସମ୍ମାନିତ ଅତିଥିଭାବେ ନିମାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ,ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା,ମା ଭୁଆଶୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁଦ□ ନାୟକ,ସ୍ଥାନୀୟ ସରପଂଚ ଚାରୁଲତା ବେହେରା, ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ଭାବେ ସ୍ଥାନୀୟ ଅଂଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି । ବିଦ୍ୟାଳୟର ସହକର୍ମୀମାନଙ୍କୁ ଆପଣାର କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ସର୍ବଦା ଉଦ୍ୟମ ଜାରୀ ରଖିଥିଲେ ।

## ସମାଜର ନିଃସହାୟ ଲୋକ ମୁଖ୍ୟସ୍ରୋତକୁ ଆସି ନ୍ୟାୟ ପାଇବେ ତାହା ଆଇନଜୀବୀଙ୍କ ସ୍ୱର ହେଉ

ଗୁଣପୁର,୩୦ ।୪ (ନିପ୍ର): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ସାରଥି ତଥା ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ଓ ଓକିଲ ଦିବସ ଗୁଣପୁର ଓକିଲ ସଂଘ ପକ୍ଷରୁ ପାଳନ କରାଯାଇଛି । ଏଅବସରରେ କୋର୍ଟ ପରିସର ଗୁଣପୁର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କୁ ସ୍ମରଣ କରି ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚନ୍ୟାୟାଳୟ, କଟକର ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲ୍ଲା ଦୌରା ଜର୍ଜ ଦାମୋଦର ରଥ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ର ସଦସ୍ୟ ତପନ କୁମାର ବିଶ୍ୱାଳ ଯୋଗ ଦେଇ ସମାଜର ନିଷ୍ପେସିତ ନିଃସହାୟ ଗରିବ ଶ୍ରେଣୀର ଲୋକ ଯେମିତି ମୁଖ୍ୟସ୍ରୋତକୁ ଆସି ସଠିକ ଭାବରେ ତ୍ୱରିତ ନ୍ୟାୟ ପାଇବେ ତାହା ଓକିଲଙ୍କ ସ୍ୱର ହେଉ ବୋଲି କହିଥିଲେ ।

ଓକିଲ ସଂଘ ପକ୍ଷରୁ କୋର୍ଟ ଛକରୁ ଆଦିବାସୀ ନୃତ୍ୟ ଗୀତ ସହ ବାଦ୍ୟ ବଜାଇ ପାଛୋଟି ସ୍ୱାଗତ କରି ନିଆଯାଇଥିଲା । ଓକିଲ ସଂଘର ସମସ୍ତ ସଦସ୍ୟ ଓ କୋର୍ଟର ସମସ୍ତ ବିଚାରପତିଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଦ୍ୱାରା ସ୍ଥାନୀୟ ଅଦାଲତ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କ ଓଡ଼ିଶା ପ୍ରତି ତ୍ୟାଗପୂତ ଅବଦାନକୁ ସ୍ମରଣ କରାଯାଇଥିଲା ।

ପରେ କୋର୍ଟ ପରିସରରେ ଅନୁଷ୍ଠିତ ସଭା କାର୍ଯ୍ୟ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ । ସଭା ପ୍ରାରମ୍ଭ ରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସ୍ମୃତିଚାରଣ ସଭାରେ ସଭାପତି ରମେଶ ଚନ୍ଦ୍ର ଲିମା ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭ ରେ ବରିଷ୍ଠ ଓକିଲ ତଥା ପୂର୍ବତନ ସଭାପତି ଉମା ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଙ୍ଘର ଅଭାବ ଅସୁବିଧାକୁ ନେଇ ସମ୍ପାଦକ ସୂରୋଜ ପାତ୍ର ଏକ ସଂପାଦକୀୟ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟ ର ବିଚାରପତି ରାଧା କୃଷ୍ଣ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଓକିଲ ମଧୁବାବୁଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମାଜର ନିଃସହାୟ ଗରିବ ଶ୍ରେଣୀର ଲୋକ ଯେମିତି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ ।

## କେନ୍ଦୁପତ୍ର ଦର ଧାର୍ଯ୍ୟ ହୋଇନି, ଶ୍ରମିକ ଦିବସରେ ଗଣଧାରଣା ନିଷ୍ପତ୍ତି

ଦେବଗଡ଼,୩୦।୪ (ନିପ୍ର): ଗତ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର କେନ୍ଦୁପତ୍ର କେରି ପ୍ରତି ଦର ଧାର୍ଯ୍ୟ କରି ପାରିଲେ ନାହିଁ । ଆହୁରି ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କୁ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଦିଆଯାଇଥିବା ବୋନସ ମଧ୍ୟ ସରକାର ଘୋଷଣା କଲେ ନାହିଁ । ସେହିପରି ମାସିକ ମଜୁରି ଘୋଷଣା କରାଯାଇ ନାହିଁ । ଏ ସମ୍ପର୍କୀୟ କେନ୍ଦୁପତ୍ର ଉନ୍ନୟନ ପରିଷଦ ବୈଠକ ମଧ୍ୟ ବସି ପାରିଲା ନାହିଁ କିମ୍ବା ଏସବୁ ନିଷ୍ପତ୍ତି ହୋଇ ପାରିଲା ନାହିଁ । ଏହି ପ୍ରସଙ୍ଗରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ସରକାର କେନ୍ଦୁପତ୍ର କେରି ପ୍ରତି ଦର ଓ ବୋନସ ଘୋଷଣା କରି ନ ଥିବା ଏକ ଐତିହାସିକ ରେକର୍ଡ ସେହିପରି ସର୍ବନିମ୍ନ ମଜୁରି ୨୦୨୪ ଜୁଲାଇ ୧୮ ତାରିଖରୁ ସରକାର ଘୋଷଣା କରିଥିଲେ ମଧ୍ୟ ସେହି ଅନୁପାତରେ ପ୍ରାୟ ଦୁଇ ବର୍ଷ ହେବ ସେମାନଙ୍କ ମାସିକ ମଜୁରି ମଧ୍ୟ ନିର୍ଦ୍ଧାରିତ ହୋଇ ପାରିଲା ନାହିଁ । ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି ହୋଇ ନାହିଁ । ମୃତ୍ୟୁକାଳୀନ ଆର୍ଥିକ ସହାୟତାର ବୃଦ୍ଧି ହେଉନାହିଁ । ଏହି ସବୁ ଘୋଷଣା ସାଧାରଣତଃ ଫେବ୍ରୁଆରି କିମ୍ବା ମାର୍ଚ୍ଚ ମାସରେ ଘୋଷଣା ହୋଇଥାଏ । ଚଳିତ ବର୍ଷ ସରକାର ଏପର୍ଯ୍ୟନ୍ତ ଏହି ସବୁ ଘୋଷଣା କଲେ ନାହିଁ । ଫଳରେ ରାଜ୍ୟର ଲକ୍ଷ ଲକ୍ଷ ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନେ ଘୋର ହତାଶ, ନୈରାଶ୍ୟ ଏବଂ ଆର୍ଥିକ କ୍ଷତି ମଧ୍ୟରେ ଥାଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏପରିକି ଗତ ଦୁଇ ମାସ ତଳେ କେନ୍ଦୁପତ୍ର ଗୋଛା କଟାଳି ଶ୍ରମିକ ମାନଙ୍କର ମଧ୍ୟ ମଜୁରି ମିଳିନାହିଁ । ତେଣୁ ଆଗାମୀ ମେ' ୧ ତାରିଖ ଆନ୍ତର୍ଜାତିକ ଶ୍ରମିକ ଦିବସରେ ଲକ୍ଷ ଲକ୍ଷ ତୋଳାଳି, ଶ୍ରମିକ, ସିଜିନାଲ କର୍ମଚାରୀମାନେ ସରକାରଙ୍କ ଉଦାସୀନତା ଓ ଅବହେଳାର ପ୍ରତିବାଦରେ କଳାବ୍ୟାଜ୍ ପରିଧାନ କରିବା ସହ ମେ' ୨ ତାରିଖରେ ରାଜ୍ୟର ପ୍ରାୟ ୨୦୦୦ ପଞ୍ଚାୟତରେ ଗଣଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଚରମ ସ୍ମରଣପତ୍ର ପିଇଓଙ୍କ ଜରିଆରେ ପଠାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସଂଘର ସଂଗଠନ ସାଧାରଣ ସମ୍ପାଦକ ସଂଜିତ ମହାନ୍ତି ସୂଚନା ଦେଇଛନ୍ତି । ସଂଘର ଆହ୍ୱାନ କ୍ରମେ ଦେବଗଡ଼ ଜିଲ୍ଲାର ୭୦ଟି ପଞ୍ଚାୟତରେ ହଜାର ହଜାର ତେ କର୍ମଚାରୀ ଏହି ଧାରଣା ବିକ୍ଷୋଭରେ ସାମିଲ ହେବେ ବୋଲି ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

## ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅତୁଳନୀୟ ଅବଦାନ

ବୁଗୁଡ଼ା,୩୦ ।୪ (ନିପ୍ର): ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ୧୨୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମଏଫସି ବିଚାରପତି ସୁଧାଶ୍ରୀ ସୁରଝାଲିଆ ,ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ନିର୍ମଳ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜ ଇତିହାସ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ,ପ୍ରଦୀପ କୁମାର ଦାଶ ଯୋଗ ଦେଇ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହ କୋଟି କୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏ ଅବସରରେ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଓକିଲ ସଙ୍କଳ୍ପ ବିକାଶ ମହାନ୍ତି, ୟୁ. ଅରବିନ୍ଦ ପାତ୍ର ଓ ପିଣ୍ଟୁ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସ ରଞ୍ଜନ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ପରିଶେଷରେ ଓକିଲ ସଂଘ ସହସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାପୁର ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟବସ୍ଥା: ସିଡିଏମଓଙ୍କୁ ଭେଟିଲେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା

ଭାପୁର,୩୦/୪(ନିପ୍ର)ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସ୍ୱାସ୍ଥ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହେଇପଡିଛି । ଏ ସମ୍ପର୍କରେ ପୂର୍ବରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିଭାଗୀୟ ନିର୍ଦ୍ଦେଶକ, ଜିଲ୍ଲାପାଳ, ଜ଼ିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଭାପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଓଗତ ମାସ ୪ ତାରିଖରେ ମଧ୍ୟ ଏକ ୧୬ଦଫା ସମ୍ବଳିତ ଦାବିପତ୍ର କମିଟି ପକ୍ଷରୁ ପୁର୍ନବାର ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ପଦାଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ।

ଯଦି,ଏକ ମାସ ମଧ୍ୟରେ ସ୍ଥାନୀୟ ଜନସାଧାରଣ ପକ୍ଷରୁ ଉପସ୍ଥାପିତ ଦାବି ଗୁଡିକ ପୂରଣ କରାନଯାଏ ତେବେ,ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସତର୍କ କରି ଦିଆଯାଇଥିଲା ଓ ସିଡିଏମଓ ଡ଼.ସୁଶାନ୍ତ କୁମାର ସ୍ୱାଇଁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲା ବେଳେ ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ସିଡିଏମଓ ଡ଼.ସ୍ୱାଇଁ ଏସବୁ ଦାବି ଗୁଡିକ ସମ୍ପର୍କରେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କ୍ରିୟାନୁଷ୍ଠାନ କମିଟିକୁ ପ୍ରେରଣ କରାଯାଇଥିବା ଦାବିପତ୍ର ସମ୍ପର୍କରେ ଜିଲ୍ଲାପାଳ ମଧୁମିତା ରଥ ଅବଗତ ହେବାପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସିଡିଏମଓ ଡ଼.ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ ।

ଏହି ଅବସରରେ ସିଡିଏମଓ ଡ଼.ସ୍ୱାଇଁଙ୍କ ସହିତ ଆଲୋଚନା ସମୟରେ ଭାପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଲକ୍ଷ୍ମୀଧର ମହାପାତ୍ର, ଭାପୁର ବଣିକ ସଂଘର ପୂର୍ବତନ ସଭାପତି ଗଙ୍ଗାଧର ବାରିକ, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମୁକୁନ୍ଦ ସାହୁ, ସାମ୍ବାଦିକ ରମେଶ ଚନ୍ଦ୍ର ବରାଡ଼, ସମାଜସେବୀ ଜିତେନ୍ଦ୍ର ରଣସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



## ଉତ୍ତରପ୍ରଦେଶ-ବିହାରରେ ବଜ୍ରପାତ ଓ ବର୍ଷାରେ ୧୮ ମୃତ

ନୂଆଦିଲ୍ଲୀ,୩୦।୪: ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ବିଭିନ୍ନ ପାଣିପାଗ ପରିସ୍ଥିତି ଦେଖିବାକୁ ମିଳିଛି। ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଗୁଜରାଟର ଅନେକ ସ୍ଥାନରେ ପାରଦ ୪୦ରୁ ୪୬ ଡିଗ୍ରି ସେଲସିୟସ ମଧ୍ୟରେ ରହିଥିଲା। ତେବେ, ବଜ୍ରପାତ ଓ ହାଲୁକା ବର୍ଷା ମଧ୍ୟ ଅନେକ ଅଞ୍ଚଳରେ ତାପମାତ୍ରା ୨ରୁ ୩ ଡିଗ୍ରି ସେଲସିୟସ ହ୍ରାସ କରିଥିଲା। ଉତ୍ତରପ୍ରଦେଶରେ ବଜ୍ରପାତ ଓ ବର୍ଷା ଯୋଗୁଁ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ସୁଲତାନପୁରରେ ସର୍ବାଧିକ ୭ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ବିହାରରେ ମଧ୍ୟ ୫ ଜଣଙ୍କର ମୃତ୍ୟୁ ଘଟିଛି। ପାଟନାରେ କାନ୍ଥ ପଡ଼ିବା ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନେକ ଜିଲ୍ଲାରେ ଗଛ ଉପୁଡ଼ି ପଡ଼ିଛି। ଗୁରୁବାର ଉତ୍ତରାଖଣ୍ଡର ମସୁରୀରେ କୁଆପଥର ବର୍ଷା ହୋଇଥିଲା। ଗୁରୁବାର ଅପରାହ୍ଣରେ ଦିଲ୍ଲୀରେ କୁଆପଥର ବର୍ଷା ହୋଇଥିଲା। ସେହିପରି ରାଜସ୍ଥାନର ଅନେକ ଜିଲ୍ଲାରେ ଲଗାତାର ଦ୍ୱିତୀୟ ଦିନ ପାଇଁ ବର୍ଷା ଜାରି ରହିଛି। କୋଟାରେ ଏକ ଘରେ ବଜ୍ରପାତ ହୋଇଛି। ଉତ୍ତରାଖଣ୍ଡର ଡେରାଡୁନ୍ ଓ ମୁସୁରୀରେ ମଧ୍ୟ ବର୍ଷା ସହିତ କୁଆପଥର ବର୍ଷା ହୋଇଛି। କ୍ରମାଗତ ତୃତୀୟ ଦିନ ପାଇଁ ୟୁପିର ବାନ୍ଦାରେ ୪୫.୮ ଡିଗ୍ରି ସେଲସିୟସ ତାପମାତ୍ରା ଥିଲା। ରାଜସ୍ଥାନ ଓ ମଧ୍ୟପ୍ରଦେଶର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସରୁ ଅଧିକ ଥିଲା। ମଧ୍ୟପ୍ରଦେଶରେ ଭୋପାଳ ଓ ସିଦ୍ଧି ସବୁଠାରୁ ଉତ୍ତପ୍ତ ସ୍ଥାନ ଥିଲା। ପାରଦ ୪୩ ଡିଗ୍ରି ସେଲସିୟସରୁ ଅଧିକ ଥିଲା।

## ଭାରତକୁ ୧୪୦ ଲକ୍ଷ ଡଲାର ମୂଲ୍ୟର ୬୫୭ ଚୋରି କଳାକୃତି ଫେରସ୍ତ କଲା ଆମେରିକା

ନୂଆଦିଲ୍ଲୀ,୩୦।୪: ଆମେରିକାର ମ୍ୟାନହାଟନ୍ ଜିଲ୍ଲା ଆଟର୍ଣ୍ଣି କାର୍ଯ୍ୟାଳୟ ପ୍ରାୟ ୧୪୦ ଲକ୍ଷ ଡଲାର ମୂଲ୍ୟର ୬୫୭ ପ୍ରାଚୀନ କଳାକୃତି ଭାରତକୁ ଫେରାଇ ଦେଇଛି। ନ୍ୟୁୟର୍କରେ ଥିବା ଭାରତୀୟ ରାଷ୍ଟ୍ରଦୂତ ରାଜଲକ୍ଷ୍ମୀ କଦମଙ୍କ ଉପସ୍ଥିତିରେ ଏକ ସମାରୋହରେ ଜିଲ୍ଲା ଆଟର୍ଣ୍ଣି ଆଲଭିନ୍ ଏଲ୍ ବ୍ରାଗ୍ ଜୁନିୟର ଏହି ପୁନରୁଦ୍ଧାର ଘୋଷଣା କରିଛନ୍ତି। ଅଭିଯୁକ୍ତ ଚୋରା ଚାଲାଣକାରୀ ସୁଭାଷ କପୁର ଓ ଦୋଷୀ ସାବ୍ୟସ୍ତ ହୋଇଥିବା ଚାଲାଣକାରୀ ନାନସୀ ୱିନରଙ୍କ ସହ ଜଡିତ ଆପରାଧିକ ନେଟୱାର୍କରେ ଚାଲିଥିବା ଅନୁସନ୍ଧାନ ମାଧ୍ୟମରେ ଅଧିକାରୀମାନେ ଏହି କଳାକୃତି ଉଦ୍ଧାର କରିଛନ୍ତି। ବ୍ରାଗ୍ କହିଛନ୍ତି, ଭାରତରେ ସାଂସ୍କୃତିକ ଐତିହ୍ୟକୁ ଟାର୍ଗେଟ୍ କରୁଥିବା ଚାଲାଣ ନେଟୱାର୍କର ଚୋରି ପରିମାଣ ବହୁତ ଅଧିକ। ଚୋରି ହୋଇଥିବା କଳାକୃତି ଫେରସ୍ତ ପାଇଁ ଅଧିକ ପ୍ରୟାସ ଆବଶ୍ୟକ ବୋଲି ବ୍ରାଗ୍ କହିଛନ୍ତି। କନସୁଲ ଜେନେରାଲ ବିନୟା ପ୍ରଧାନ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଉଦ୍ଧାରରେ ମ୍ୟାନ୍‌ହାଟନ୍ ଜିଲ୍ଲା ଆଟର୍ଣ୍ଣି କାର୍ଯ୍ୟାଳୟ ଏବଂ ହୋମଲ୍ୟାଣ୍ଡ ସୁରକ୍ଷା ବିଭାଗ ସମେତ ଆମେରିକାର ଏଜେନ୍ସିଗୁଡ଼ିକର ଭୂମିକାକୁ ସ୍ୱୀକାର କରିଛନ୍ତି। ଫେରସ୍ତ ହୋଇଥିବା ଜିନିଷଗୁଡ଼ିକ ମଧ୍ୟରେ ଅବଲୋକିତେଶ୍ୱରଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅଛି, ଯାହାର ମୂଲ୍ୟ ୨ ମିଲିୟନ୍ ଡଲାର। ଏହି ମୂର୍ତ୍ତିଟି ମୂଳତଃ ରାୟପୁରର ମହନ୍ତ ଘାସିଦାସ ମେମୋରିଆଲ୍ ମ୍ୟୁଜିୟମରେ ରଖାଯାଇଥିଲା, ୨୦୨୫ରେ ନ୍ୟୁୟର୍କର ଏକ ଘରୋଇ ସଂଗ୍ରହରୁ ଜବତ ହେବା ପୂର୍ବରୁ ୧୯୮୨ ସୁଦ୍ଧା ଚୋରି ହୋଇ ଆମେରିକାକୁ ଚୋରା ଚାଲାଣ କରାଯାଇଥିଲା।

## କୋହିନୂର ହୀରା ଭାରତକୁ ଫେରାଅ: ନ୍ୟୁୟର୍କ ମେୟର

ନୂଆଦିଲ୍ଲୀ,୨୦।୪: ନ୍ୟୁୟର୍କ ସହରର ମେୟର ଜୋହରାନ କ୍ୱାମେ ମାମଦାନି ପୁଣିଥରେ ତାଙ୍କ ବୟାନ ପାଇଁ ଖବରର ଶିରୋନାମାରେ ଅଛନ୍ତି । ଏଥର ସେ ବ୍ରିଟେନର ରାଜା ଚାର୍ଲ୍ସଙ୍କୁ ନେଇ କୋହିନୂର ହୀରା ସମ୍ପର୍କରେ ଏକ ବୟାନ ଦେଇଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ,ଯଦି ତାଙ୍କୁ ସୁଯୋଗ ମିଳେ ତେବେ ସେ ଭାରତର କୋହିନୂର ହୀରା ଫେରାଇବା ପାଇଁ ରାଜା ଚାର୍ଲ୍ସଙ୍କୁ ଅପିଲ୍ କରିବେ । ମାମଦାନିଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଚାର୍ଲ୍ସ ଆମେରିକା ଗସ୍ତରେ ଅଛନ୍ତି ଏବଂ ୯/୧୧ ଆକ୍ରମଣର ପୀଡିତଙ୍କ ସ୍ମୃତିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ । ମାମଦାନି ଏହା ମଧ୍ୟ କହିଛନ୍ତି ଯେ, ସେ କୌଣସି ରାଜକୀୟ ଔପଚାରିକତା ବିନା ସିଧାସଳଖ ଏହି ପ୍ରସଙ୍ଗ ଉଠାଇବେ । କୋହିନୂର ହୀରା କେବଳ ଏକ ମୂଲ୍ୟବାନ ମଣି ନୁହେଁ ବରଂ ଉପନିବେଶବାଦ ଐତିହ୍ୟର ପ୍ରତୀକ ଭାବରେ ବିବେଚିତ ହୋଇଥାଏ ।ତାଙ୍କର ବୟାନ ଉପନିବେଶବାଦ ଏବଂ ସାଂସ୍କୃତିକ ଐତିହ୍ୟ ବିଷୟରେ ଚାଲିଥିବା ବିତର୍କକୁ ପୁନର୍ବାର ଜାଗ୍ରତ କରିଛି । ରାଜା ଚାର୍ଲ୍ସଙ୍କ ନ୍ୟୁୟର୍କ ଗସ୍ତ ସମୟରେ ଏକ ବିବୃତି ହଠାତ୍ କୂଟନୈତିକ ପରିବେଶକୁ ଚର୍ଚ୍ଚାକୁ ଆଣିଛି ।

## ମାନହାନି ମାମଲାରେ ପବନ ଖେଡ଼ାଙ୍କ ଆଗୁଆ ଜାମିନ ଉପରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୩୦।୪: କଂଗ୍ରେସ ନେତା ପବନ ଖେଡ଼ାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ବିରୋଧରେ ଖେଡ଼ାଙ୍କ ସର୍ବସାଧାରଣ ଅଭିଯୋଗ ପରେ ଆସାମ ପୁଲିସ ଦ୍ୱାରା ଆରମ୍ଭ ହୋଇଥିବା ଆପରାଧିକ ତଦନ୍ତରୁ ଏହି ମାମଲା ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ, ଜଷ୍ଟିସ୍ ଜେକେ ମାହେଶ୍ୱରୀ ଓ ଜଷ୍ଟିସ୍ ଏଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ଖେଡ଼ାଙ୍କ ଓକିଲ ଓ ଆସାମ ପୁଲିସର ପ୍ରତିନିଧିଙ୍କ ଯୁକ୍ତି ଶୁଣିବା ପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଖେଡ଼ା ଅଭିଯୋଗ କରିଥିଲେ ଯେ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ଆମେରିକା ଓ ୟୁଏଇ ସମେତ ଏକାଧିକ ବିଦେଶୀ ପାସପୋର୍ଟ ଓ ଅଘୋଷିତ ସମ୍ପତ୍ତି ଅଛି। ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଖେଡ଼ାଙ୍କ ଆଇନଜୀବୀ ଦଳ ଯୁକ୍ତି ଦର୍ଶାଇଛନ୍ତି ଯେ, ଏହି ମାମଲା ରାଜନୈତିକ କୁକର୍ମର ଏକ ଉଦାହରଣ। ସିଂଘଭି ଯୁକ୍ତି ବାଢ଼ିଥିଲେ ଯେ ଖେଡ଼ାଙ୍କ ବିବୃତି ଯଦିଓ ବିବାଦୀୟ, ତଥାପି ଏହା ଜାମିନଯୋଗ୍ୟ ଅପରାଧ ହେବ। ଗିରଫଦାରୀର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇ ସିଂଘଭି କହିଛନ୍ତି ଯେ, ଖେଡ଼ା ବିଦେଶକୁ ଉଡ଼ି ପଳାଇବା କିମ୍ବା ଅନୁସନ୍ଧାନରେ ବାଧା ଦେବା ଭଳି ଆଶଙ୍କା ନ ଥିବା ସତ୍ତ୍ୱେ ଡଜନେ ପୁଲିସ ଅଧିକାରୀଙ୍କୁ ଖେଡ଼ାଙ୍କ ଦିଲ୍ଲୀ ବାସଭବନକୁ ପଠାଯାଇଥିଲା, ଯେପରି ସେମାନେ ଜଣେ ଆତଙ୍କବାଦୀଙ୍କୁ ଗୋଡ଼ାଉଛନ୍ତି। ଏପ୍ରିଲ ୨୪ରେ ଗୌହାଟୀ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ କଂଗ୍ରେସ ନେତା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ପୂର୍ବରୁ କହିଥିଲେ ଯେ, ଖେଡ଼ାଙ୍କୁ କଥିତ ମିଥ୍ୟା ଦସ୍ତାବିଜର ଉତ୍ସକୁ ଚିହ୍ନଟ କରିବା ପାଇଁ ହେପାଜତରେ ପଚରାଉଚରା ଜରୁରୀ। ନିମ୍ନ ଅଦାଲତ ମଧ୍ୟ କହିଛନ୍ତି ଯେ ଜଣେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ରାଜନୈତିକ ବୟାନ ଆଶା କରାଯାଇପାରେ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ଭଳି ଜଣେ ଘରୋଇ ନାଗରିକଙ୍କୁ ମୈଦାନକୁ ଟାଣିବା ସୀମା ଅତିକ୍ରମ କରିଛି।

### ‘ଟୁଡେଜ ଚାଣକ୍ୟ’ ଏକଜିଟ୍ ପୋଲ୍

# ପଶ୍ଚିମବଙ୍ଗରେ ବିଜେପିକୁ ୧୯୨ ଏବଂ ଟିଏମସିକୁ ମିଳିବ ୧୦୦ ଆସନ



କୋଲକାତା,୩୦।୪: ପଶ୍ଚିମବଙ୍ଗରେ ରେକର୍ଡ ସଂଖ୍ୟକ ମତଦାନ ପରେ, ରାଜନୈତିକ ଦଳଗୁଡ଼ିକ ଏବେ ୪ ତାରିଖ ଫଳାଫଳକୁ ଅପେକ୍ଷା କରିଛନ୍ତି। ଦୁଇ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ମୋଟ ୯୨.୪୭ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୯୩.୧୩ ପ୍ରତିଶତ ଏବଂ ଦ୍ୱିତୀୟରେ ୯୧.୬୬ ପ୍ରତିଶତ ମତଦାନ ହୋଇଥିଲା। ଏହି ସମୟରେ, ଟୁଡେଜ୍ ଚାଣକ୍ୟ ଏକଜିଟ୍ ପୋଲ ବିଜେପି ପାଇଁ ୧୯୨, ଟିଏମସି ପାଇଁ ୧୦୦ ଏବଂ ଅନ୍ୟାନ୍ୟ ପାଇଁ ୨ଟି ଆସନ ପାଇବ ବୋଲି ପୂର୍ବାନୁମାନ କରିଛି। ‘ଟୁଡେଜ୍ ଚାଣକ୍ୟ’ ଏକଜିଟ୍ ପୋଲ ପଶ୍ଚିମବଙ୍ଗରେ ବିଜେପି ପାଇଁ ଏକ ବଡ଼ ବିଜୟ ହେବ ବୋଲି ଆକଳନ କରିଛି। ଭୋଟ ସେୟାର ଦୃଷ୍ଟିରୁ, ବିଜେପି ୪୮ ପ୍ରତିଶତ ଭୋଟ ପାଇବ ବୋଲି ଆଶା କରାଯାଉଛି, ଏହାପରେ ଟିଏମସି ୩୮ ପ୍ରତିଶତ ଏବଂ ଅନ୍ୟାନ୍ୟ ଦଳ ୧୪ ପ୍ରତିଶତ ଭୋଟ ପାଇବାର ସମ୍ଭାବନା ରହିଛି। ମମତା ବାନାର୍ଜୀଙ୍କ ପାଇଁ, ଏହି ନିର୍ବାଚନକୁ ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଭାବରେ ବିବେଚନା କରାଯାଉଛି। କ୍ରମାଗତ ତିନି ଥର ଏବଂ ଦେଢ଼ ଦଶନ୍ଧି କ୍ଷମତାରେ ରହିବା ପରେ, ସେ କେବଳ କ୍ଷମତା ବଜାୟ ରଖିବା ପାଇଁ ନୁହେଁ ବରଂ ତାଙ୍କର ପ୍ରତିଷ୍ଠିତ ରାଜନୈତିକ ଢାଞ୍ଚାକୁ ସୁରକ୍ଷା ଦେବା ପାଇଁ ମଧ୍ୟ ସଂଘର୍ଷ କରୁଛନ୍ତି। ଏହି ସମୟରେ, ବିଜେପି ପାଇଁ, ବଙ୍ଗଳା ଏକ ଅପୂର୍ଣ୍ଣ ରାଜନୈତିକ ଲକ୍ଷ୍ୟ ରହିଛି। ଦଳ ବିଶ୍ୱାସ କରେ ଯେ ରାଜ୍ୟରେ କ୍ଷମତା ହାସଲ କରି ଏହା ତାର ‘ଚୂଡ଼ାନ୍ତ ଆଦର୍ଶଗତ ସୀମା’ ଅତିକ୍ରମ କରିପାରିବ। ଦଳର ଭୋଟ ସେୟାର ୨୦୧୧ ରେ ପ୍ରାୟ ଚାରି ପ୍ରତିଶତରୁ ବୃଦ୍ଧି ପାଇ ୨୦୧୯ରେ ପ୍ରାୟ ୪୦ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୧ ରେ ୭୭ଟି ଆସନ ଜିତିଥିଲା। ଯାହାଦ୍ୱାରା ସେ ଟିଏମସିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାଲଟି ଯାଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ଟିଏମସି କର୍ମୀଙ୍କୁ ମନୋବଳ ଭାଙ୍ଗିବା ପାଇଁ ବିଜେପିର ଇଙ୍ଗିତରେ ଏକଜିଟ୍ ପୋଲ ପୂର୍ବାନୁମାନ ପ୍ରସାରିତ କରାଯାଉଛି। ସେ ବିଶ୍ୱାସ କରିଛନ୍ତି ଯେ, ନିର୍ବାଚନରେ ଶାସକ ଦଳ ୨୯୪ ବିଧାନସଭା ଆସନ ମଧ୍ୟରୁ ୨୨୬ ରୁ ଅଧିକ ଆସନ ଜିତିବ।

## ଚଳନ୍ତା କାରରେ ଲାଗିଲା ନିଆଁ ; ୫ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୩୦।୪: କାରରେ ନିଆଁ ଲାଗି ଜୀଅନ୍ତା ଜଳି ଚାଲିଗଲା ୫ ମୂଲ୍ୟବାନ୍ ଜୀବନ। ଏଭଳି ଅଭାବନୀୟ ଘଟଣା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ବିଳମ୍ବିତ ରାତିରେ ଘଟିଛି। ରାଜସ୍ଥାନର ଅଲୱାରରେ, ଏକ୍ସପ୍ରେସୱେରେ ଏକ ଚଳନ୍ତା କାରରେ ହଠାତ୍ ନିଆଁ ଲାଗିଗଲା ଏବଂ କିଛି ମୁହୂର୍ତ୍ତ ମଧ୍ୟରେ ନିଆଁରେ ପୋଡ଼ିଗଲା। କେହି ହସ୍ତକ୍ଷେପ କରିବା ପୂର୍ବରୁ, କାରରେ ଥିବା ସମସ୍ତ ପାଞ୍ଚ ଜଣ ଯାତ୍ରୀ ନିଆଁରେ ପୋଡ଼ି ମୃତ୍ୟୁବରଣ କଲେ। ଏହି ସମୟରେ, ଡ୍ରାଇଭର ଗୁରୁତର ଭାବରେ ପୋଡ଼ି ଯାଇଥିଲେ ଏବଂ ପଥଚାରୀମାନେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ଆହତ ଡ୍ରାଇଭରଙ୍କୁ ଅଲୱାରର ଜିଲ୍ଲା ହସ୍ପିଟାଲକୁ ପଠାଯାଇଛି। ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ଯୁବତୀ ଅଛନ୍ତି। ଡିଏସ୍ପି ଜିନ୍ଦଲ କହିଛନ୍ତି ଯେ ଏହି ଦୁର୍ଘଟଣାରେ ତିନି ଜଣ ମହିଳା, ଜଣେ ଯୁବତୀ ଏବଂ ଜଣେ ପୁରୁଷଙ୍କ ମୃତ୍ୟୁ ହୋଇଥିଲା, ସମସ୍ତେ ମଧ୍ୟପ୍ରଦେଶର ଶିଓପୁରର ବାସିନ୍ଦା। ଏହି ସମୟରେ, କାର ଡ୍ରାଇଭର – ବିନୋଦ କୁମାର ମେହର, ଯିଏକି ଶିଓପୁରର ବାସିନ୍ଦା – କୌଣସି ପ୍ରକାରେ ଗାଡ଼ିରୁ ଡେଇଁ ପଡ଼ିବାରେ ସଫଳ ହୋଇଥିଲେ। କିନ୍ତୁ, ସେତେବେଳକୁ ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡ଼ି ଯାଇଥିଲା।

## ଗର୍ଭପାତ ମାମଲା: ଏମ୍ସ ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ



ନୂଆଦିଲ୍ଲୀ,୩୦୪୪: ଗର୍ଭପାତ ମାମଲାରେ ସୁପ୍ରିମକୋର୍ଟ ଆଜି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଣେ ୧୫ ବର୍ଷୀୟା ଦୁଷ୍କର୍ମ ପୀଡିତାଙ୍କୁ ୩୦ ସପ୍ତାହ ପରେ ଗର୍ଭପାତ ଅନୁମତି ଦେବା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏମ୍ସର କ୍ୟୁରେଟିଭ୍ ପିଟିସନ୍ ଉପରେ ଆପତ୍ତି ପ୍ରକାଶ କରିଥିଲେ। ୨୦ ସପ୍ତାହ ପରେ ମଧ୍ୟ ଦୁଷ୍କର୍ମ ପୀଡିତାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦେବା ପାଇଁ ଆଇନରେ ସଂଶୋଧନ ଉପରେ ବିଚାର କରିବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯେତେବେଳେ ଦୁଷ୍କର୍ମରୁ ଗର୍ଭଧାରଣ ହୁଏ, ସେତେବେଳେ କୌଣସି ସମୟ ସୀମା ରହିବା ଉଚିତ୍ ନୁହେଁ ଓ ସମୟ ସହିତ ଆଇନ ପରିବର୍ତ୍ତନ ହେବା ଉଚିତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଖଣ୍ଡପୀଠ କହିଛନ୍ତି ଯେ, ଏହା ଶିଶୁଙ୍କୁ ଦୁଷ୍କର୍ମ ମାମଲା ଏବଂ ଯଦି ଗର୍ଭପାତକୁ ଅନୁମତି ଦିଆ ନ ଯାଏ, ତେବେ ପୀଡିତା ଜୀବନବ୍ୟାପୀ ମାନସିକ ଆଘାତ ଭୋଗିବେ। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯେତେବେଳେ ଦୁଷ୍କର୍ମରୁ ଗର୍ଭଧାରଣ ହୁଏ, ସେତେବେଳେ କୌଣସି ସମୟସୀମା ରହିବା ଉଚିତ୍ ନୁହେଁ ଓ ସମୟ ସହିତ ଆଇନ ପରିବର୍ତ୍ତନ ହେବା ଉଚିତ। କୋର୍ଟ କହିଛନ୍ତି ଯେ, ଯଦି ମାଆ ସ୍ଥାୟୀ ଭାବରେ ଶାରୀରିକ ଭାବରେ କ୍ଷତିଗ୍ରସ୍ତ ନହୁଏ, ତେବେ ଗର୍ଭପାତ କରାଯିବା ଉଚିତ। ଏହି ପ୍ରସଙ୍ଗରେ ପୀଡିତାଙ୍କ ପିତାମାତାଙ୍କୁ ଉପଯୁକ୍ତ ପରାମର୍ଶ ପ୍ରଦାନ କରିବାକୁ ମଧ୍ୟ ଏମ୍ସକୁ ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଅଧିକାର ପୀଡିତା ଏବଂ ତାଙ୍କ ପରିବାର ଉପରେ ନ୍ୟସ୍ତ କରିଥିଲେ।

## ପଶ୍ଚିମବଙ୍ଗରେ ଇଭିଏମ ଖରାପ ହେବାର ଆସିଲାଣି ୭୭ ଅଭିଯୋଗ, ତଦନ୍ତ ଆରମ୍ଭ କଲେ ଇସି

କୋଲକାତା,୩୦ ।୪: ବଙ୍ଗଳାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମୟରେ ଡାଇମଣ୍ଡ ହାର୍ବର ସମେତ ଅନେକ ମତଦାନ କେନ୍ଦ୍ରରେ ଇଭିଏମର ସୁରକ୍ଷା ଏବଂ ସ୍ୱଚ୍ଛତା ଉପରେ ଉଠିଥିବା ପ୍ରଶ୍ନ ମଧ୍ୟରେ ନିର୍ବାଚନ କମିଶନ ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ, କମିଶନ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି। ସମସ୍ତଙ୍କ ନଜର ଏବେ ବିଶେଷ ଭାବରେ ଡାଇମଣ୍ଡ ହାର୍ବର ନିର୍ବାଚନମଣ୍ଡଳୀର ପରିସ୍ଥିତି ଉପରେ କେନ୍ଦ୍ରିତ, ଯେଉଁଠାରେ ସ୍ୱତନ୍ତ୍ର ଭୂମିକା ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତା ବ୍ୟକ୍ତିଗତ ଭାବରେ ଷ୍ଟ୍ରଙ୍ଗ ରୁମ ଯାଞ୍ଚ କରିଥିଲେ। ଡାଇମଣ୍ଡ ହାର୍ବର ମହିଳା କଲେଜର ଷ୍ଟ୍ରଙ୍ଗ ରୁମରେ ଗୁପ୍ତାଙ୍କ ଉପସ୍ଥିତି, ଯେଉଁଠାରେ ଇଭିଏମ ମେଶିନ ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି, ରାଜନୈତିକ ଝଡ଼ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ସେ ମେଶିନ ଗୁଡ଼ିକର ସିଲ, ସୁରକ୍ଷା ମାନଦଣ୍ଡ ଏବଂ ସଂରକ୍ଷଣ ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରୁଛନ୍ତି। କମିଶନ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ଅଞ୍ଚଳରେ ପୁନଃନିର୍ବାଚନ ଆବଶ୍ୟକ କି ନାହିଁ ସେ ବିଷୟରେ ନିଷ୍ପତ୍ତି ଏହି ଅନ-ଦ-ମାଉଣ୍ଟେସନ ରିପୋର୍ଟ ଉପରେ ଆଧାରିତ ହେବ। କେବଳ ଡାଇମଣ୍ଡ ହାର୍ବରରେ ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ, ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମୟରେ ଇଭିଏମରେ ହେରଫେର ଏବଂ ତ୍ରୁଟିପୂର୍ଣ୍ଣ ମୋଟ ୭୭ଟି ଗୁରୁତର ଅଭିଯୋଗ ଦାଖଲ କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଉପରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରି ନିର୍ବାଚନ କମିଶନ ସମ୍ପୃକ୍ତ ବୁଥ ଅଧିକାରୀଙ୍କ ୱେବକାଷ୍ଟ ଫୁଟେଜ ଏବଂ ରିପୋର୍ଟଗୁଡ଼ିକର ଯାଞ୍ଚ ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ ଅଗ୍ରୱାଲ ଏହି ବିଷୟରେ ଏକ ସ୍ପଷ୍ଟ ବାର୍ତ୍ତା ଜାରି କରି କହିଛନ୍ତି ଯେ କମିଶନ ‘ଶୂନ୍ୟ ସହନଶୀଳତା’ ନୀତିରେ କାର୍ଯ୍ୟ କରୁଛନ୍ତି। ସେ ଆଶ୍ୱାସନା ଦେଇଛନ୍ତି ଯେ ଯେଉଁଠାରେ ଇଭିଏମ ଟ୍ୟାମ୍ପରିଂ କିମ୍ବା ବୈଷୟିକ ଅନିୟମିତତା ନିଶ୍ଚିତ ହୁଏ, ସେଠାରେ ବିଳମ୍ବ ନକରି ପୁନଃ ମତଦାନ କରାଯିବ।

## ୯୦ ମିନିଟ୍ ଫୋନରେ କଥା ହେଲେ ଟ୍ରମ୍ପ୍-ପୁଟିନ୍



ନୂଆଦିଲ୍ଲୀ,୩୦/୪: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଫୋନରେ ୯୦ ମିନିଟ ଧରି କଥା ହୋଇଛନ୍ତି । ଏହି ଆଲୋଚନାକୁ କ୍ରେମଲିନ୍ ‘ବନ୍ଧୁତ୍ୱପୂର୍ଣ୍ଣ ଏବଂ ପେସାଦାର’ ଦର୍ଶାଇଛି । ଉଭୟ ନେତା ଇରାନ ଯୁଦ୍ଧ, ୟୁକ୍ରେନ ବିବାଦ ଓ ହ୍ୱାଇଟ ହାଉସରେ ସଦ୍ୟ ସଂଘଟିତ ଗୁଳିମାଡ଼ ଘଟଣା ନେଇ ଆଲୋଚନା କରିଛନ୍ତି। କ୍ରେମ୍ଲିନ୍ ଅଧିକାରୀ ୟୁରୀ ଉଷାକୋଭ କହିଛନ୍ତି, ଫୋନରେ କଥା ହେବା ବେଳେ ରାଷ୍ଟ୍ରପତି ପୁଟିନ ହ୍ୱାଇଟ୍ ହାଉସରେ ଟ୍ରମ୍ପଙ୍କ ଟାର୍ଗେଟ୍ କରି ହୋଇଥିବା ଗୁଳିମାଡ଼ ଘଟଣାକୁ ନିନ୍ଦା କରିଛନ୍ତି । ଏଥିସହିତ ଇରାନ ସହ ଯୁଦ୍ଧବିରତି ଅବଧି ବଢ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି ପୁଟିନ । ଉଭୟ ନେତା ଇରାନର ପରମାଣୁ କାର୍ଯ୍ୟକ୍ରମ ବାବଦରେ ବ୍ୟାପକ ଚର୍ଚ୍ଚା କରିଛନ୍ତି। ଇରାନ ପ୍ରସଙ୍ଗରେ ନିଜର କେତେକ ପ୍ରସ୍ତାବ ମଧ୍ୟ ରୁଷ ରାଷ୍ଟ୍ରପତି ଦେଇଥିବା ଉଷାକୋଭ କହିଛନ୍ତି । ଉଲ୍ଲେଖଯୋଗ୍ୟ, ହ୍ୱାଇଟ ହାଉସରେ ଗତ ୨୫ ତାରିଖରେ ଅନୁଷ୍ଠିତ ଡିନର କାର୍ଯ୍ୟକ୍ରମରେ ଟ୍ରମ୍ପ୍ ବି ସାମିଲ ହୋଇଥିଲେ। ଏହି ସମୟରେ କୋଲ୍ ଟମାସ୍ ଆଲେନ୍ ନାମକ ଜଣେ ୩୧ ବର୍ଷୀୟ ଯୁବକ ଆସି ଅଚାନକ ଗୁଳି ମାଡ଼ କରିଥିଲା । ଏହାପରେ ସୁରକ୍ଷା କର୍ମୀମାନେ ଆକ୍ସନକୁ ଆସି ଆତତାୟୀକୁ କାବୁ କରିଥିଲେ । ଟ୍ରମ୍ପଙ୍କ କଡ଼ା ସୁରକ୍ଷା ବଳୟରେ ସେଠାରୁ ନିଆଯାଇଥିଲା।

## ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସର ୨୦ଟି ବର୍ଦ୍ଧିତ କୋଚର ଶୁଭାରମ୍ଭ



ନୂଆଦିଲ୍ଲୀ,୩୦।୪(ପିଆଇବି): କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଜାମ୍ମୁ-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ଯାହା ୮ ରୁ ୨୦ ଟି କୋଚକୁ ବୃଦ୍ଧି ପାଇଛି। ଜାମ୍ମୁ ରେଳ ଷ୍ଟେସନରେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ସାଂସଦ ଗୁଲାମ ଅଲ୍ଲୀ ଖଟାନା ଏବଂ ସତ ପଲ ଶର୍ମାଙ୍କ ଉପସ୍ଥିତିରେ ଏହି ସମାରୋହକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ଏହାକୁ ଭାରତୀୟ ରେଳ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ବର୍ଣ୍ଣନା କରିଥିଲେ। ସେ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀର ପାଇଁ ସେବାର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ କରି ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ବୋଲି କହିଛନ୍ତି ଯାହା ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରେ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ଏବଂ ଆଞ୍ଚଳିକ ଅର୍ଥନୀତିକୁ ମଜବୁତ କରେ। ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜାମ୍ମୁ-କାଶ୍ମୀରରେ ’ବନ୍ଦେ ଭାରତ ’ ସେବା କାର୍ଯ୍ୟକ୍ଷମ ହେବାର ପ୍ରଥମ ଦିନରୁ ୧୦୦% ପରିବହନ କ୍ଷମତା ହାସଲ କରିଛି, ଯାହା ଜନସାଧାରଣଙ୍କ ଦୃଢ଼ ସ୍ୱୀକୃତିକୁ ପ୍ରତିଫଳିତ କରୁଛି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏହି ଟ୍ରେନଗୁଡ଼ିକରେ ୫.୫ ଲକ୍ଷରୁ ଅଧିକ ଯାତ୍ରୀ ଯାତ୍ରା କରିସାରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଡୋଗ୍ରି ଏବଂ କାଶ୍ମୀରୀ ବ୍ୟଞ୍ଜନ ସମେତ ଆଞ୍ଚଳିକ ବ୍ୟଞ୍ଜନ, ବିଶେଷ କରି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ସାଂସ୍କୃତିକ ଭାବନାରେ ସମୃଦ୍ଧ ଯାତ୍ରା ପ୍ରଦାନ କରୁଛି। ବୈଷୟିକ ପ୍ରଗତି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ପାଇଁ ବନ୍ଦେ ଭାରତ ଟ୍ରେନଗୁଡ଼ିକ ବିଶେଷ ଭାବରେ ଭିନ୍ନ ପାଣିପାଗ ପରିସ୍ଥିତିରେ ଚଳାଚଳ ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ମାଇନସ୍ ୧୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ଅନ୍ତର୍ଭୁକ୍ତ । ସେ କହିଥିଲେ ଯେ ଏହି ଟ୍ରେନଗୁଡ଼ିକ ସୁଉଚ୍ଚ ସ୍ଥାନ ପାଇଁ ଉପଯୁକ୍ତ ଉନ୍ନତ ଅପରେଟିଂ ସିଷ୍ଟମ୍ ଏବଂ ଇଲେକ୍ଟ୍ରୋନିକ୍ସ ସହିତ ସଜ୍ଜିତ।

### ହର୍ମୁଜ ପ୍ରଣାଳୀ ପାଇଁ ନୂତନ ନିୟମ

# ପରମାଣୁ କ୍ଷମତା ଉପରେ କୌଣସି ବୁଝାମଣା ନାହିଁ



ତେହେରାନ,୩୦।୪: ଇରାନର ସର୍ବୋଚ୍ଚ ନେତା ମୋଜତବା ଖେମିନି ଆଜି ଏକ ବିବୃତି ଜାରି କରି ଇରାନ ବାହ୍ୟ ଚାପ ଆଗରେ ନଇଁବା ପରିବର୍ତ୍ତେ ନିଜର ପରମାଣୁ ଓ କ୍ଷେପଣାସ୍ତ୍ର କ୍ଷମତାକୁ ଅଧିକ ସୁରକ୍ଷିତ କରିବାକୁ ପ୍ରତିବଦ୍ଧ ବୋଲି ଘୋଷଣା କରିଛନ୍ତି। ବିଶେଷ କରି ବିଶ୍ୱ ବାଣିଜ୍ୟର ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ‘ହର୍ମୁଜ ପ୍ରଣାଳୀ’ ଉପରେ ନିୟନ୍ତ୍ରଣ କଡ଼ାକଡ଼ି କରାଯିବ ଏବଂ ନୂତନ ନିୟମ ପ୍ରଚଳନ ହେବ ବୋଲି ମଧ୍ୟ ଖେମିନି ଘୋଷଣା କରିଛନ୍ତି। ଆମେରିକାକୁ ଅତି କଡ଼ା ସାମରିକ ଧମକ ଦେଇ ସେ କହିଛନ୍ତି ଯେ ଆମେରିକୀୟଙ୍କ ସ୍ଥାନ ଜଳଭାଗର ଅତଳ ଗଭୀରରେ ଏବଂ ଆମେ ଗଲ୍ଫରେ ଶତ୍ରୁଙ୍କ ପାଇଁ କବର ପ୍ରସ୍ତୁତ କରୁଛୁ। ଇରାନର ସୁପ୍ରିମ ଲିଡର ଆଜି ନିଜର କଠୋର ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି ଯେ, ପାରସ୍ୟ ଉପସାଗରରେ କୌଣସି ବିଦେଶୀ ଶକ୍ତିର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ସେ ସିଧାସଳଖ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି, ଏଠାରେ ଆମେରିକୀୟଙ୍କ ପାଇଁ ଯଦି କୌଣସି ସ୍ଥାନ ଥାଏ, ତେବେ ତାହା ହେଉଛି ଏହି ଜଳଭାଗର ଅତଳ ଗଭୀରତା। ସେ ଆଞ୍ଚଳିକ ଅସ୍ଥିରତା ପାଇଁ ଆମେରିକାର ଉପସ୍ଥିତିକୁ ଦାୟୀ କରିବା ସହ ପଡ଼ୋଶୀ ଦେଶଗୁଡ଼ିକୁ ସେମାନଙ୍କ ମାଟିରୁ ଆମେରିକୀୟ ସାମରିକ ଘାଟି ହଟାଇବାକୁ ଆହ୍ୱାନ ଦେଇଛନ୍ତି। ଖେମିନି ଆଜି ଦେଶର ୯୦ ନିୟୁତ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ କ୍ଷେପଣାସ୍ତ୍ର କ୍ଷମତା ହେଉଛି ଜାତୀୟ ସମ୍ପତ୍ତି । ଏହାକୁ ସୁରକ୍ଷା ଦେବା ପାଇଁ ଦେଶ ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ। ଦେଶର ସୀମା ପରି ଏହି ସାମରିକ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର ଆକ୍ରମଣକୁ କଠୋର ହସ୍ତରେ ଦମନ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଖେମିନି କହିଛନ୍ତି, ହର୍ମୁଜ ପ୍ରଣାଳୀକୁ ନେଇ ଇରାନ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି। ତାଙ୍କ ଘୋଷଣା ଅନୁଯାୟୀ, ଏହି ସାମୁଦ୍ରିକ ପଥରେ ଏବେ ଇରାନ ନିଜର ଆଇନଗତ ଓ ପ୍ରଶାସନିକ ନିୟନ୍ତ୍ରଣ ଅଧିକ ଶକ୍ତ କରିବ। ଏହା ଦ୍ୱାରା ଅନ୍ତର୍ଜାତୀୟ ବାଣିଜ୍ୟିକ ଜଳପଥ ଉପରେ ତେହେରାନର ଆଧିପତ୍ୟ ବୃଦ୍ଧି ପାଇବ, ଯାହା ପଶ୍ଚିମ ଦେଶଗୁଡ଼ିକ ପାଇଁ ଚିନ୍ତାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଗତ କିଛି ସପ୍ତାହ ଧରି ସୁପ୍ରିମ ଲିଡର ମୋଜତବା ଖେମିନି ସର୍ବସାଧାରଣରେ ଦୃଶ୍ୟମାନ ହୋଇନାହାନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏହି ସମୟରେ ଏକ ଲିଖିତ ବିବୃତି ଜରିଆରେ ନିଜର ଉପସ୍ଥିତି ଜାହିର କରିବା ଇରାନର ଶକ୍ତି ପ୍ରଦର୍ଶନର ଏକ ଅଂଶ ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

**ସାମନ୍ତରାପୁରରେ ଚାଞ୍ଚଲ୍ୟ**

# ମଦ ପାଇଁ ହାତ ପାପୁଲି କଟିଲା

## ନାଳ ଭିତରୁ କଟା ପାପୁଲି ଜବତ, ଆକ୍ରମଣକାରୀ ବାପ-ପୁଅକୁ ଜେଲ୍ ପଠାଗଲା

ଭୁବନେଶ୍ୱର(ନିପ୍ର): ସାମାନ୍ୟ ମଦ ଟିକେ ଲାଗି ଗୁରୁବାର ସକାଳୁ ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ନିକଟସ୍ଥ କପିଳେଶ୍ୱର ଗଙ୍ଗୁଆ ନାଳ ନିକଟରେ ଦୁଇଗୋଷ୍ଠୀ ହାତାହାତି ହୋଇଛନ୍ତି । ପରିସ୍ଥିତି ଏପରି ହୋଇଛି କି, ମଦ ପାଇଁ ସୃଷ୍ଟି ହୋଇଥିବା ଗଣ୍ଡଗୋଳ କାରଣରୁ ଜଣେ ଯୁବକଙ୍କ ହାତପାପୁଲି ସମ୍ପୂର୍ଣ୍ଣ ଭାବେ କଟିଯାଇଛି । ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତୀ କରାଯାଇଥିବା ବେଳେ ଖବରପାଇ ସ୍ଥାନୀୟ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନାଳରେ ବହୁ ସମୟ ଖୋଜାଖୋଜି ପରେ କଟା ପାପୁଲିକୁ ଉଦ୍ଧାର କରିଥିବା ଜଣାପଡିଛି । ତେବେ କଟା ପାପୁଲି ବହୁ ସମୟଧରି ନାଳରେ ପଡି ରହିଥିବାରୁ ତାହା ଆଉ ଆହତ ଯୁବକଙ୍କ ହାତରେ ଯୋଡି ହୋଇ ପାରି ନ ଥିବା ଜଣାପଡିଛି । ଏହି ମାମଲାରେ ପୋଲିସ କପିଳେଶ୍ୱର ତଳସାହିର ରାକେଶ କୁମାର ମଲ୍ଲିଆ ଓରଫ କାହ୍ନା (୩୧) ଓ ତାଙ୍କ ବାପା ସନ୍ତୋଷ କୁମାର ମଲ୍ଲିଆ (୫୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ପୋଲିସ ଜବତ କରିଛି । ଏନେଇ ସୁଲୋଚନା ସାହୁ ଥାନାରେ ଲିଖ ?ତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖ ସକାଳ ପ୍ରାୟ ୬ଟା୪୫ ସମୟରେ ରାଜେଶ ସାହୁ, ସୁରେଶ ସାହୁ ଓ ସୁରେଶ ସାହୁଙ୍କ ଜଣେ ସହଯୋଗୀ କପିଳେଶ୍ୱର ଗଙ୍ଗୁଆ କେନାଲ ବନ୍ଧ ନିକଟରେ ଥିବା ଅଭିଯୁକ୍ତଙ୍କ ପାନ ଦୋକାନକୁ ଆସିଥିଲେ, ଯେଉଁଠାରେ ବେଆଇନ ଭାବରେ ମଦ ବିକ୍ରୟ କରାଯାଉଥିଲା । ସେମାନେ ସେଠାରୁ ମଦ କିଣିବାକୁ ଯାଇଥିବାବେଳେ ସୁରେଶ ସାହୁ ଜୋତା ପିନ୍ଧି ଦୋକାନ ଭିତରକୁ ପ୍ରବେଶ କରିଥିଲେ ଏବଂ ମଦ ଦେବାକୁ କହିଥିଲେ । ସେତେବେଳେ ଦୋକାନରେ ଉପସ୍ଥିତ ସନ୍ତୋଷ କୁମାର ମାଲିଆ ଏହାକୁ ନେଇ ତାଙ୍କୁ ଗାଳି ଦେଇ ମଦ ଦେବାକୁ ମନା କରିଥିଲେ ଏବଂ ଦୋକାନ ଛାଡିବାକୁ କହିଥିଲେ । ପରେ ସେ ତାଙ୍କୁ ବାହାରକୁ ଠେଲି ଦେଇଥିଲେ । ଏହା ପରେ ସୁରେଶ ସାହୁ ବିଭୁ ପ୍ରସାଦ ସାହୁ ଓରଫ ଚୈତାଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ । କିଛି ସମୟ ପରେ ବିଭୁ ଏବଂ ଦିପକ ସାହୁ ଏକ ବାଇକରେ ସେଠାରେ ପହଞ୍ଚି ସନ୍ତୋଷ ମାଲିଆଙ୍କୁ ଗାଳି ଦେବା ସହ ଦୋକାନକୁ ପ୍ରବେଶ କରିଥିଲେ । ବିଭୁ ରାସ୍ତାରୁ ଏକ କାଠ ବାଡ଼ି ଏବଂ ଦିପକ ସାହୁ ଏକ ଲମ୍ବା ମାର୍ବଲ ଖଣ୍ଡ ନେଇ ଚିତ୍କାର କରିଥିଲେ । ଘଟଣା ଦେଖି ସନ୍ତୋଷ ମାଲିଆ ତାଙ୍କ ପୁଅ ରାକେଶ ମାଲିଆ ଉର୍ଫ କାହ୍ନାଙ୍କୁ ଡାକିଥିଲେ । ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା । କିଛି ପଥଚାରୀ ହସ୍ତକ୍ଷେପ କରିଥିଲେ ସତ୍ତ୍ୱେ, ଉଭୟ ପକ୍ଷ ପରସ୍ପରକୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ଜୀବନ ନେବାକୁ ଧମକ ଦେଇଥିଲେ । ସେହି ସମୟରେ ରାକେଶ ମାଲିଆ ଉର୍ଫ କାନହା ଦୋକାନରୁ ଏକ ଖଣ୍ଡା ଆଣି ସନ୍ତୋଷ ମାଲିଆଙ୍କ ସହିତ ମିଶି ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଏହାର ଫଳରେ ବିଭୁ ପ୍ରସାଦ ସାହୁ ଉର୍ଫ ଚୈତାଙ୍କ ଡାହାଣ ହାତର ପାପୁଲି କଟିଯାଇଥିଲା ଏବଂ ସୁରେଶ ସାହୁ ଓ ଦିପକ ସାହୁ ମଧ୍ୟ ଆହତ ହୋଇଥିଲେ । ଘଟଣା ପରେ ଆହତମାନେ ସେଠାରୁ ପଳାଇ ଯାଇଥିଲେ । ପରବର୍ତ୍ତୀ ସମୟରେ ରାକେଶ ମାଲିଆ ଭୟରେ କଟା ପାପୁଲିକୁ ଦୋକାନ ପଛ ପାର୍ଶ୍ୱରେ ଥିବା କେନାଲରେ ଫିଙ୍ଗିବା ସହିତ ଖଣ୍ଡାକୁ ମଧ୍ୟ ଘଟଣାସ୍ଥଳ ନିକଟରେ ଫିଙ୍ଗି ସମସ୍ତେ ସେଠାରୁ ପଳାଇ ଯାଇଥିଲେ । ପରିବାର ସଦସ୍ୟମାନେ ଆହତମାନଙ୍କୁ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଘଟଣା ବିଷୟରେ ଥାନାରେ ରିପୋର୍ଟ କରାଇଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ରାକେଶ ଏବଂ ସନ୍ତୋଷଙ୍କୁ ଗିରଫ କରାଯାଇ ଥିଲା । ସେମାନଙ୍କ ହେପାଜତରୁ ଅପରାଧରେ ବ୍ୟବହୃତ ତରବାରୀ ଉଦ୍ଧାର କରାଯାଇଥିଲା ଏବଂ ସେମାନଙ୍କ ପ୍ରକାଶ ଅନୁଯାୟୀ ନିକଟବର୍ତ୍ତୀ କେନାଲରୁ କଟା ପାପୁଲି ମଧ୍ୟ ଉଦ୍ଧାର କରାଯାଇଥିଲା ।

# ରାଜନୈତିକ ପୋଷ୍ଟରମରାକୁ ନେଇ ତୁମୁଳକାଣ୍ଡ, ୨ ଗିରଫ

ଭୁବନେଶ୍ୱର(ନିପ୍ର): ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ପୋଷ୍ଟରମରାକୁ ନେଇ ତୁମୁଳକାଣ୍ଡ ଓ ଗଣ୍ଡଗୋଳ ମାମଲାରେ ତମାଣ୍ଡୋ ଥାନା ପୋଲିସ ଗୁରୁବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଯୁବକ ହେଲେ,ପାତ୍ରପଡାର ଆଲୋକ ନାୟକ (୨୧) ଓ ରାଜେଶ କୁମାର ପ୍ରଧାନ (୨୧) । ସେମାନଙ୍କ ଠାରୁ ଦୁଇଟି ମୋବାଇଲ ?ଫାନ ଜବତ କରାଯାଇଛି । ଏନେଇ ରଶ୍ମି ରଞ୍ଜନ ପଟ୍ଟନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ତା ୨୯/୩୦ରାତି ପ୍ରାୟ ୩ଟା ସମୟରେ ଅଭିଯୁକ୍ତ ରାଜେଶ କୁମାର ପଧାନ ଏବଂ ଆଲୋକ ନାୟକ ବେଆଇନ ଭାବରେ "କାଫେ କାର୍ଟୁନ" ନିକଟସ୍ଥ ମଦନ ମୋହନ ମାର୍କେଟକୁ ଆସି ଅଭିଯୋଗକାରୀ ଓ ଅନ୍ୟମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇ ଉଦ୍ଦେଶ୍ୟମୂଳକ ଭାବରେ ଅଶାନ୍ତି ସୃଷ୍ଟି କରିଥିଲେ । ସେମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୋଷ୍ଟର ଲଗାଯିବାକୁ ବିରୋଧ କରି କେବଳ ନିର୍ଦ୍ଦିଷ୍ଟ ପୋଷ୍ଟରଗୁଡ଼ିକୁ ଅଞ୍ଚଳରେ ଲଗାଇବାକୁ ଦେବେ ବୋଲି ଧମକ ଦେଇଥିଲେ ଏବଂ ଭୟଙ୍କର ପରିଣାମ ସମ୍ପର୍କରେ ଚେତାବନୀ ଦେଇଥିଲେ । ସେମାନଙ୍କ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ ଅଭିଯୁକ୍ତମାନେ ଘଟଣାସ୍ଥଳରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ଚିରି ନଷ୍ଟ କରିଥିଲେ, ଯାହା ଫଳରେ ଅଞ୍ଚଳରେ ଭୟ ଏବଂ ଅଶାନ୍ତିର ପରିସ୍ଥିତି ସୃଷ୍ଟି ହୋଇଥିଲା । ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଚିରା ପୋଷ୍ଟର ଜବତ କରାଯାଇଥିଲା । ଏହା ସହିତ, ଅଭିଯୁକ୍ତ ଆଲୋକ ନାୟକ ଓ ରାଜେଶ କୁମାର ପ୍ରଧାନଙ୍କ ନିକଟରୁ ପ୍ରମାଣ ସ୍ୱରୂପ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ଯାଞ୍ଚରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବରେ ବିଶୃଙ୍ଖଳା ସୃଷ୍ଟି କରି, ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରି ଅପରାଧିକ ଭାବରେ ଭୟଭୀତ କରିଥିଲେ ଏବଂ ପୋଷ୍ଟରଗୁଡ଼ିକୁ ନଷ୍ଟ କରିଥିଲେ । ଅଭିଯୁକ୍ତ ମାନଙ୍କର ପୂର୍ବ ଅପରାଧିକ ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ରାଜେଶ କୁମାର ପଧାନ ପୂର୍ବରୁ ଖଣ୍ଡଗିରି ଥାନାରେ ଏକ ମାମଲାରେ ଜଡିତ ଥିଲେ ।

## ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି । ଗିରଫ ନିଶା ବେପାରୀଙ୍କ ନାମ ପୂର୍ଣ୍ଣ ଚନ୍ଦ୍ର ନାୟକ (୪୮) ଓ ତାଙ୍କ ଘର ଅଣ୍ଡିଲୋ ଗାଁରେ ବୋଲି ଜଣାପଡିଛି । ଏନେଇ ଥାନାର ଏସ୍‌ଆଇ ଅରୂପାନନ୍ଦ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୨୯ ତାରିଖ ସନ୍ଧ୍ୟାରେ ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସଆଇ ଅରୂପାନନ୍ଦ ନାୟକ ଓ ତାଙ୍କ ଟିମ୍ ବାଲିଅନ୍ତା ଏବଂ ବେଣୁପୁର ଅଞ୍ଚଳରେ ସନ୍ଧ୍ୟା ପାଟ୍ରୋଲିଂ ଏବଂ ଏକ୍ସାଇଜ୍ ରେଡ୍ କରୁଥିବା ବେଳେ, ବାଲିଅନ୍ତା ସାଇଫୋନ୍ ଛକ ନିକଟରେ କେନାଲ ପାର୍ଶ୍ୱରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାୟକ ବେଆଇନ ଭାବରେ ମଦ ବିକ୍ରୟ କରୁଥିବା ବିଷୟରେ ବିଶ୍ୱସ୍ତ ସୂଚନା ପାଇଥିଲେ । ସୂଚନା ଆଧାରରେ ପୋଲିସ ଦଳ ଘଟଣାସ୍ଥଳରେ ଚଢଉ କରି ଦେଖିଥିଲେ ଯେ ଅଭିଯୁକ୍ତ ବୁଦା ପଛରେ ମଦ ବୋତଲ ଲୁଚାଇ ରଖି ବେଆଇନ ଭାବରେ ବିକ୍ରୟ କରୁଥିଲେ । ପୋଲିସକୁ ଦେଖି ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରିଥିଲେ, କିନ୍ତୁ ତୁରନ୍ତ ତାଙ୍କୁ ଧରି ଗିରଫ କରାଯାଇଥିଲା । ତଲାସି ସମୟରେ ଘଟଣାସ୍ଥଳରୁ ୧୦୪ଟି ୨୦୦ ମି.ଲି. ସିଲ୍ ଏବଂ ଲେବଲ୍ ଲାଗିଥିବା ଆସ୍କା-୪୦ ମଦ ବୋତଲ ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଅଭିଯୁକ୍ତ ଏହି ମଦ ରଖିବା ପାଇଁ କୌଣସି ବୈଧ କାଗଜପତ୍ର ପ୍ରଦର୍ଶନ କରିପାରି ନଥିଲେ ଏବଂ ଜୀବିକା ନିର୍ବାହ ପାଇଁ ବେଆଇନ ବିକ୍ରୟ କରୁଥିବା ସ୍ୱୀକାର କରିଥିଲେ । ଯାଞ୍ଚରୁ ଜଣାପଡିଛି ଯେ ଅଭିଯୁକ୍ତ ପୂର୍ବରୁ ବାଲିଅନ୍ତା ଥାନାରେ ଗୋଟିଏ ସମାନ ପ୍ରକାରର ମାମଲା ସହିତ ଅନ୍ୟ ଏକ ଅପରାଧିକ ମାମଲାରେ ମଧ୍ୟ ଜଡିତ ଅଛନ୍ତି ।

## ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ

ଭାପୁର(ନିପ୍ର): ଫତେଗଡ଼ ଥାନା ଅନ୍ତର୍ଗତ ରାକମା ଗ୍ରାମର କହ୍ନେଇ ପରିଡାଙ୍କ ପୁଅ ସାଗର ପରିଡା ବୁଧବାର ଅପରାହ୍ନ ସମୟରେ ବ୍ରାହ୍ମଣ ସାହିର ଏକ ସରକାରୀ ପାଣି ଟ୍ୟାପ ଷ୍ଟାଣ୍ଡକୁ ଭାଙ୍ଗୁଥିବା ସମୟରେ ସେହି ସାହିର ପ୍ରଫୁଲ୍ଲ କୁମାର ଶୁକ୍ଳଙ୍କ ସ୍ତ୍ରୀ କନକଲତା ଶୁକ୍ଳ (୬୫) ଦେଖି ବାରଣ କରିଥିଲେ । ପୂର୍ବ ଶତ୍ରୁତାକୁ ନେଇ ସାଗର ଉତକ୍ଷିପ୍ତ ହୋଇ ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ପାଇପ ସହାଯ୍ୟରେ ଆକ୍ରମଣ କରିଥିଲା । ଫଳରେ ଉଭୟ ଆହତ ହୋଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ କନକଲତା ଫତେଗଡ଼ ଥାନାରେ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଥିବା ଥାନା ସୂତ୍ରରୁ ପ୍ରକାଶ ।

**ମହଙ୍ଗା ପଡ଼ିଲା ମହିଳା ସିଆରସିସିଙ୍କୁ ଯୌନ ନିର୍ଯାତନା**

## ବନ୍ଧା ହେଲେ ଜିଲ୍ଲା ଡିଇଓ ଏବଂ ସଦର ବିଇଓ

ବରଗଡ଼: ବନ୍ଧା ହେଲେ ବରଗଡ଼ ଜିଲ୍ଲା ଡିଇଓ ଏବଂ ସଦର ବିଇଓ । ମହିଳା ସିଆରସିସିଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ମୋଟ୍ ୩ ଜଣଙ୍କୁ ଗିରଫ କରିଛି ବରଗଡ଼ ପୋଲିସ । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତି ସାହୁ ଓ ସଦର ବ୍ଲକ୍ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ ଏବଂ ସତଲମା ସ୍କୁଲର ଖେଳ ଶିକ୍ଷକ ସମୀର ପାଣିଗ୍ରାହୀ ଗିରଫ ହୋଇଛନ୍ତି । ଗିରଫ ପରେ ସେମାନଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରିବ ପୋଲିସ । ଖବର ଅନୁଯାୟୀ, ବରଗଡ଼ ପୌରାଞ୍ଚଳରେ ଜଣେ ମହିଳା ସିଆରସିସିଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଥିଲା । ସଦର ବିଇଓ ନିଜ କାର୍ଯ୍ୟାଳୟକୁ ଡାକି ସିଆରସିସିଙ୍କୁ ଯୌନ ନିର୍ଯାତନା ଦେଇଥିଲେ । ଏନେଇ ମହିଳା ଜଣଙ୍କ ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଏଫଆଇଆର୍ ଆଧାରରେ ପୋଲିସ ବୁଧବାର ଅପରାହ୍ଣରେ ଦୁଇ ଶିକ୍ଷା ଅଧିକାରୀଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା । ଦୀର୍ଘ ସମୟ ଧରି ଜେରା କରିବା ପରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି । ଆଉ ଏବେ ମାନେ ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରିବ ପୋଲିସ । ସମ୍ପୃକ୍ତ ସିଆରସିସି ଜଣକ ପୂର୍ବରୁ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିଲେ । ପ୍ରଶାସନିକ ସ୍ତରରେ ବି ଯାଞ୍ଚ ଜାରି ରହିଥିବା ସୂଚନା ମିଳିଛି ।

## ଖଣ୍ଡାବୁଲା ଭିଡିଓ ଭାଇରାଲ କରି ୨ ଯୁବକ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ଭାଇଗିରି ଦେଖାଇବାକୁ ଯାଇ ରାଜଧାନୀର ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରୁଥିବା ଦୁଇଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି,ସୁଜିତ ବେହେରା (୨୨) ଓ ଶୁଭମ ବେହେରା (୧୯) । ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ଦୁଇଟି ଖଣ୍ଡାକୁ ଜବତ କରିଛି । ଏନେଇ ଏୟାରପୋର୍ଟ ଥାନରର ଏସ୍‌ଆଇ ସଂଗ୍ରାମ କେଶରୀ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ବୁଧବାର କାରଗିଲ ବସ୍ତିର କିଛି ଯୁବକ ଖୋଲାଖୋଲି ଭାବରେ ଖଣ୍ଡା ପ୍ରଦର୍ଶନ କରୁଥିବା, ଭିଡିଓ ତିଆରି କରୁଥିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବା ବିଷୟରେ ବିଶ୍ୱସ୍ତ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ପୋଲିସ ଦଳ ବିବେକାନନ୍ଦ ଖେଳ ପଡ଼ିଆ ନିକଟରେ ଚଢଉ କରିଥିଲା । ଚଢଉ ସମୟରେ ଅଭିଯୁକ୍ତମାନେ ସନ୍ଦେହଜନକ ଭାବରେ ବୁଲୁଥିବା ଦେଖାଯାଇଥିଲେ ଏବଂ ସେଠାରୁ ସେମାନଙ୍କୁ ଗିରଫ କରାଯାଇଥିଲା । ବ୍ୟକ୍ତିଗତ ତଲାସୀ ସମୟରେ ସେମାନଙ୍କ ନିକଟରୁ ଦୁଇଟି ଖଣ୍ଡା ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ପଚରାଉଚରାରେ ଉଭୟ ଅଭିଯୁକ୍ତ ଅପରାଧରେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ । ଏକ ସାର୍ବଜନୀନ ସ୍ଥାନରେ ଖୋଲାଖୋଲି ଭାବରେ ମାରାତ୍ମକ ଅସ୍ତ୍ର ପ୍ରଦର୍ଶନ କରିବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ସାର୍ବଜନୀନ ଶାନ୍ତି ଭଙ୍ଗ ହୋଇଥିବା ଯାଞ୍ଚରୁ ପ୍ରକାଶ ପାଇଥିଲା । ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ଆଇନଅନୁଯାୟୀ ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି ।

**ଫୋନ ଛିନତାଇ କରିବା ସହ ୩୫ ହଜାର ଲୁଟ୍**

## ୨ ଲୁଟେରାଙ୍କୁ ଜେଲ ପଠାଇଲା ପୋଲିସ

ଭୁବନେଶ୍ୱର(ନିପ୍ର): ଫୋନରେ କଥା ହେଉଥିବା ସମୟରେ ଜଣେ ଯୁବକଙ୍କ ଫୋନ ଛିନତାଇ କରି ନେବା ସହ ତାଙ୍କ ଫୋନ ପେ'ରୁ ୪୬ ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ଗୁରୁବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଯୁବକଙ୍କ ନାମ ହେଉଛି,ମହର୍ଷି କଲେଜ ରୋଡର ଯୋଗ ଆଶ୍ରମ ନିକଟରେ ରହୁଥିବା ଜଗଦିଶ ଦାସ ଓରଫ ଜତିନ (୨୪) ଓ ଶାନ୍ତିପଲ୍ଲୀ ବସ୍ତି କେଶରୀ ରେସିଡେନ୍ସିର ପ୍ଲଟ ନଂ ୨୯ରେ ରହୁଥିବା ଚିନ୍ତାମଣି ବେହେରା (୨୪) । ଏନେଇ ବିଭୂତି ଭୂଷଣ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖ ସନ୍ଧ୍ୟାରେ, ଅଭିଯୋଗକାରୀ ମହର୍ଷି କଲେଜ ରୋଡ୍ ନିକଟରେ ମୋବାଇଲ୍ ଫୋନ୍ ?ରେ କଥାବାର୍ତ୍ତା ହେଉଥିବାବେଳେ ହଠାତ୍ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ତାଙ୍କୁ ବଳପୂର୍ବକ ତାଙ୍କ ମୋବାଇଲ୍ ଫୋନ୍ ଛଡାଇନେଇଥିଲେ । ପରେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ମୋବାଇଲ୍ ଡିଭାଇସ୍ ?ଟି ଅନଲକ୍ କରିବାକୁ ବାଧ କରିଥିଲେ । ପରିସ୍ଥିତିର ସୁଯୋଗ ନେଇ, ସେମାନେ ଅଭିଯୋଗକାରୀଙ୍କ ସମ୍ମତି ବିନା ତାଙ୍କ ଆକାଉଣ୍ଟରୁ ବହୁ ୟୁପିଆଇ ଟ୍ରାଞ୍ଜାକ୍ସନ୍ ମାଧ୍ୟମରେ ମୋଟ ୪୬ ହଜାର ୨ଶହ ଟଙ୍କା ଟ୍ରାନ୍ସଫର କରିଥିଲେ । ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇଯାଇଥିଲେ ଏବଂ ଅଭିଯୋଗକାରୀଙ୍କୁ ଅସହାୟ ଅବସ୍ଥାରେ ଛାଡି ଯାଇଥିଲେ । ଅଭିଯୋଗକାରୀ ତାଙ୍କ କାର୍ଯ୍ୟସ୍ଥଳକୁ ଫେରି ଆସି ସହକର୍ମୀମାନଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ପରେ ସେମାନେ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ, କିନ୍ତୁ କାହାକୁ ମଧ୍ୟ ଚିହ୍ନଟ କରିପାରିନଥିଲେ । ପରେ ଅଭିଯୋଗକାରୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ରିପୋର୍ଟ ଦାଖଲ କରିଥିଲେ । ତଦନ୍ତ ସମୟରେ ବୈଷୟିକ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଚୋରି ହୋଇଥିବା ଟଙ୍କା ମଧ୍ୟରୁ ୩୫ ହଜାର ଟଙ୍କା ଶାନ୍ତିପଲ୍ଲୀ ବସ୍ତିର ଚିନ୍ତାମଣି ବେହେରାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା । ଏହି ସୂଚନା ଆଧାରରେ ଚଢଉ କରି ତାଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେ କହିଥିଲେ ଯେ ଶାନ୍ତିପାଲି ବସ୍ତିର ଜଣେ ବ୍ୟକ୍ତି "ବାବୁନି" ତାଙ୍କୁ ଫୋନ୍ କରି ଟଙ୍କାର ଉତ୍ସ ସମ୍ପର୍କରେ କିଛି ନ କହି ୩୫ ହଜାର ଟଙ୍କା ଉଠାଇ ନଗଦ ଦେବାକୁ କହିଥିଲେ । ଏହା ସହିତ ସେ ମାମଲାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ପ୍ରକାଶ କରିଥିଲେ । ଏହା ଆଧାରରେ ଅନେକ ଚଢଉ କରାଯାଇ ଜଣେ ଅଭିଯୁକ୍ତ ଜଗଦୀଶ ଦାସ ଓରଫ ଜତିନଙ୍କୁ ଗିରଫ କରାଯାଇଥିଲା । ପଚରାଉଚରାରେ ସେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ଘଟଣା ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ତାଙ୍କ ନିକଟରୁ ୩୫ ହଜାର ଟଙ୍କା ଜବତ କରାଯାଇଥିଲା ।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବ ନୂଆ ଡ୍ରେସ୍‌କୋଡ

ପୁରୀ(ନିପ୍ର): ଶ୍ରୀମନ୍ଦିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବ ନୂଆ ଡ୍ରେସକୋଡ । ୧୦ ବର୍ଷରୁ ଅଧିକ ଝିଅଙ୍କୁ ପିନ୍ଧିବାକୁ ପଡ଼ିବ ଶାଢ଼ି ନଚେତ୍ ଶାଲୱାର କମିଜ୍ । ଜିନ୍ ପ୍ୟାଣ୍ଟ, ଟି ସାର୍ଟ କିମ୍ବା ସାର୍ଟ ପ୍ୟାଣ୍ଟ ପିନ୍ଧି ଶ୍ରୀମନ୍ଦିର ଯାଇପାରବେନି ଝିଅ । ପୁରୁଷଙ୍କ ପାଇଁ ରହିଛି ଧୋତି କୁର୍ତ୍ତା, ପାଇଜାମା ଚୁଡଦାର ଓ ଗାମୁଛା । ଶ୍ରୀମନ୍ଦିରରେ ଏମିତି ଡ୍ରେସକୋଡ୍ ପାଇଁ ପ୍ରସ୍ତାବ ଦେଇଛନ୍ତି ଷ୍ଟେଟ୍ ଲ କମିଶନ । ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁମାନେ କିଭଳି ଶାଳୀନତା




ପୋଷାକ ପିନ୍ଧି ଯିବେ ଏଥିପାଇଁ ଷ୍ଟେଟ୍ ଲ କମିଶନ ସରକାରଙ୍କୁ ଏକ ପ୍ରସ୍ତାବ ଦେଇଛି । ୧୯୫୫ ର ଶ୍ରୀଜଗନ୍ନାଥ ମନ୍ଦିର ନିୟମରେ ପରିବର୍ତ୍ତନ ଆଣି ଏକ ବାଧ୍ୟତାମୂଳକ ଡ୍ରେସକୋଡ୍ ଲାଗୁ କରିବାକୁ ବ୍ୟବସ୍ଥା ହେଉଛି । ଖୁବଶୀଘ୍ର ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଏ ଡ୍ରେସକୋଡ୍ ଲାଗୁ ହେବ । ତେବେ ଏହା ପୂର୍ବରୁ ୨୦୨୪ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ଶାଳୀନତା ଭାବେ ପୋଷାକ ପିନ୍ଧି ନଥିବା ଭକ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ ନିଷେଧ ପାଇଁ ପ୍ରସ୍ତାବ ଦେଇଥିଲା । କିଛିଦିନ ପାଇଁ ସିଂହଦ୍ୱାର ସମ୍ମୁଖରେ ପୁରୁଷ ଓ ମହିଳା ଭକ୍ତଙ୍କୁ କଡ଼ାକଡ଼ି ଯାଞ୍ଚ ମଧ୍ୟ କରାଗଲା । ହେଲେ ତାହା କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏବେ ପୁଣି ଲ କମିଶନ ଏହି ପ୍ରସ୍ତାବ ଦେଇଛନ୍ତି । ତେଣୁ ଖୁବଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ଡ୍ରେସକୋଡ୍ ସମ୍ପର୍କରେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି

## ପ୍ରେମୀଯୁଗଳଙ୍କୁ ବାରଣ କରିବାରୁ ପ୍ରାଣାନ୍ତକ ଆକ୍ରମଣର ଶିକାର ହେଲେ ଚାରି ପୁଲିସ କର୍ମଚାରୀ: ପାଞ୍ଚ ଗିରଫ




କଟକ(ନିପ୍ର): ରାଜ୍ୟର ପୁଲିସ ମୁଖ୍ୟାଳୟ ଥିବା ସହର 'କଟକ'ରେ ସୁରକ୍ଷା ଦେଉଥିବା ପୁଲିସ କର୍ମଚାରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ସ୍ଥାନୀୟ ଷଷ୍ଠ ବାଟାଲିୟନ ପରିସରରେ ପୁଲିସ ଉପରେ ପ୍ରାଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ୪ଜଣ ପୁଲିସ କର୍ମଚାରୀ ଲହୁ ଲୁହାଣ ହୋଇଛନ୍ତି । ପୁଲିସ କ୍ୟାମ୍ପସ ଭିତରେ ପୁଲିସ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମରାଯାଇଛି । ପ୍ରେମୀଯୁଗଳଙ୍କୁ ବାରଣ କରିବାକୁ ନେଇ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଷଷ୍ଠ ବାଟାଲିୟନ ପରିସରରେ ଏହି ତୁମୁଳକାଣ୍ଡ ହୋଇଛି । ପ୍ରଥମେ ପ୍ରେମୀଯୁଗଳଙ୍କ ସହ ହାତାହାତୀ ଏବଂ ତାପରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା । ପ୍ରେମିକ ପ୍ରଶାନ୍ତ ପାତ୍ର ନିଜର ବାନ୍ଧବୀଙ୍କୁ ନେଇ ବାଟାଲିୟନ ପରିସରରେ ଥିବା ଏକ ପୋଖରୀ ନିକଟରେ ଆପତ୍ତିଜନକ ଅବସ୍ଥାରେ ବସିଥିବା ବେଳେ କର୍ତ୍ତବ୍ୟରେ ଥିବା ପୋଲିସ ବାରଣ କରିବାରୁ ଏହି କାଣ୍ଡ ଘଟିଛି । ପ୍ରଶାନ୍ତ ତାର ଅନ୍ୟ ସହଯୋଗୀଙ୍କୁ ଡାକି ଷଷ୍ଠ ବାଟାଲିୟନ ଭିତରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଇଛି । ଏହି ଆକ୍ରଣମଣରେ ୪ଜଣ ପୁଲିସ କର୍ମଚାରୀଙ୍କ ମୁଣ୍ଡ ଫାଟିଛି । ଗୁରୁତର ପୁଲିସ କର୍ମଚାରୀମାନେ ହେଲେ ଶ୍ରୀକାନ୍ତ ଗମାଙ୍ଗ, ବିପନ୍ନ ଦାସ, ଡେପୁଟି ସୁବେଦାର ମାନସ ରଣ ସିଂ, ସିପାହୀ ପ୍ରଶାନ୍ତ ମୁଦୁଲି । ଏମାନଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସିପାହୀ ପ୍ରଶାନ୍ତର ଅବସ୍ଥା ଗୁରୁତର ଥିବାରୁ ସେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ଏପଟେ ପୁଲିସ ଉପରେ ଆକ୍ରମଣ ପରେ କାର୍ଯ୍ୟାନୁଷ୍ଠାନ ନେଇଛି ପୁଲିସ । ଆଇଜି ସତୀଶ ଗଜଭିୟେ କହିଛନ୍ତି, ପୁଲିସକୁ ମାଡ଼ ମାରିବାକୁ ନେଇ ବରିଷ୍ଠ ପୁଲିସ ଅଧିକାରୀମାନେ ଗମ୍ଭୀରତା ସହ ନେଇଛନ୍ତି । ଏସିପି (ଜୋନ-୫) ସୁଧାଂଶୁ ଭୂଷଣ ଜେନା କହିଛନ୍ତି, ପୁଲିସ ଉପରେ ଆକ୍ରମଣ ଦୁର୍ବୃତ୍ତମାନଙ୍କୁ ମହଙ୍ଗା ପଡିଛି । ପ୍ରେମିକ ସମେତ ମୋଟ ୫ସହଯୋଗୀଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ପ୍ରଶାନ୍ତ ପାତ୍ର (୨୫), ପବିତ୍ର ପାତ୍ର (୨୮), ବୁଟୁ ସାମଲ (୨୬), ଅମିତ କୁମାର ସିଂହ (୨୪) ଓ ଜ୍ୟୋତିରଞ୍ଜନ ବେହେରା (୨୪) କ୍ଷ ଆକ୍ରମଣକାରୀ ଯୁବକଙ୍କ ୪ଟି ଗାଡ଼ି ଓ ଧାରୁଆ ଅସ୍ତ୍ରକୁ ପୁଲିସ ଜବତ୍ କରିଛି । ଧାରୁଆ ଅସ୍ତ୍ର ଭଳି ଜିନିଷରେ କର୍ତ୍ତବ୍ୟରତ ପୁଲିସଙ୍କୁ ଆକ୍ରମଣ ହୋଇଥିବାରୁ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଦଫା ଲାଗିଛି ।

**କୋଠଘରେ ଆକ୍ରମଣ ମାମଲା**

## ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମରେ କୋଠଘରେ ଶୋଇବାକୁ କେନ୍ଦ୍ରକରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ସେହିଗ୍ରାମର ବ୍ରହ୍ମାନନ୍ଦ ସାହୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଗୁରୁତର ହୋଇ ପୂର୍ଣ୍ଣଚନ୍ଦ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ଗତକାଲି ରାତିରେ ଅଭିଯୁକ୍ତ ବ୍ରହ୍ମାନନ୍ଦକୁ ଥାନାରେ ଆଣି ଅଟକ ରଖି ପଚରାଉଚରା ଚଳାଇଛି । ସୂଚନା ମୁତାବକ ଗତ ୨୪ତାରିଖ ରାତିରେ ପୂର୍ଣ୍ଣଚନ୍ଦ୍ରଙ୍କ ସହିତ ଗ୍ରାମର ଅନ୍ୟ ୨ଜଣ ବ୍ୟକ୍ତି ଗ୍ରାମରେ ଥିବା କୋଠ ଘରେ ଶୋଇଥିଲା ବେଳେ ଅଭିଯୁକ୍ତ ବ୍ରହ୍ମାନନ୍ଦ ସେଠାରେ ପହଞ୍ଚି ମୁଁ କୋଠ ଘର ନିର୍ମାଣ କରିଛି ଏଠାରେ କେହି ଶୋଇ ପାରିବେନି ବୋଲି କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲା । ଫଳରେ ଗ୍ରାମର ଅନ୍ୟ ୨ଜଣ ବ୍ୟକ୍ତି ସେଠାରୁ ଚାଲିଯାଇଥିଲେ । କିନ୍ତୁ ଏହି ଘଟଣାକୁ ପୂର୍ଣ୍ଣଚନ୍ଦ୍ର ପ୍ରତିବାଦ କରିଥିଲେ । ଯାହା ଫଳରେ ଅଭିଯୁକ୍ତ ହାତରେ ଧରିଥିବା ଏକ ବାଉଁଶରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲା । ପୂର୍ଣ୍ଣଚନ୍ଦ୍ରଙ୍କ ପାଟି ଶୁଣି ତାଙ୍କ ଝିଅ ଓ ଗ୍ରାମର କେତେକ ଲୋକ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ମେଡ଼ିକାଲରେ ଭର୍ତ୍ତି କରିଥଲେ । ସେଠାରେ ଅବସ୍ଥା ବିଗିଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏ ସଂପର୍କରେ ପୂର୍ଣ୍ଣଚନ୍ଦ୍ରଙ୍କ ଝିଅ ମନୋରମା ସ୍ୱାଇଁ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ ।

# ଡାବୁଗାଁ ଥାନାରେ ପୂର୍ଣ୍ଣ କଲାରଙ୍କ ହାଜତ ମୃତ୍ୟୁକୁ ସିପିଡିଆରଏସର ନିନ୍ଦା

କଟକ: ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ଥାନାରେ ପୂର୍ଣ୍ଣ କଲାରଙ୍କ ଦୁଃଖଦ ହାଜତ ମୃତ୍ୟୁକୁ ନେଇ ସେଣ୍ଟର ଫର ପ୍ରୋଟେକ୍ସନ୍ ଅଫ୍ ଡେମୋକ୍ରାଟିକ୍ ରାଇଟ୍ସ ଆଣ୍ଡ ସେକୁଲାରିଜିମ୍ ( ସିପିଡ଼ିଆରଏସ), ଓଡ଼ିଶା ଶାଖା ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି ଏବଂ ଏହି ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି । ଏକ ଅପହରଣ ମାମଲାରେ ପୋଲିସ ହେପାଜତରେ ଥିବା ଏହି ଯୁବକଙ୍କ ମୃତ୍ୟୁ , ପୋଲିସର ଉତ୍ତରଦାୟିତ୍ୱ ଏବଂ ରାଷ୍ଟ୍ରର ହେପାଜତରେ ଥିବା ନାଗରିକ ମାନଙ୍କର ମୌଳିକ ନିରାପତ୍ତାକୁ ନେଇ ଗମ୍ଭୀର ଉଦବେଗ ସୃଷ୍ଟି କରୁଛି । ତୀବ୍ର ଜନ ଅସନ୍ତୋଷ ହେତୁ ଥାନା ଅଧିକାରୀଙ୍କ ସମେତ ତିନି ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ ମଧ୍ୟ ସିପିଡିଆରଏସ ଦୃଢ଼ତାର ସହ ପ୍ରକାଶ କରିଛି ଯେ ପ୍ରଶାସନିକ ନିଲମ୍ବନ କେବଳ ଏକମାମୁଲି ଆନୁଷ୍ଠାନିକ ପ୍ରକ୍ରିୟା, ଏହା ଏକ ଦଣ୍ଡ ନୁହେଁ କିମ୍ବା ହାଜତ ହତ୍ୟା ଘଟଣାରେ ପ୍ରକୃତ ନ୍ୟାୟ ନୁହେଁ । ଥାନା ପରିସର ମଧ୍ୟରେ ଘଟୁଥିବା ଯେକୌଣସି ମୃତ୍ୟୁ, ପ୍ରାଥମିକ ବିଚାରରେ ସମ୍ବିଧାନର ଧାରା ୨୧ ଅଧୀନରେ ପ୍ରଦାନ କରାଯାଇଥିବା ବଞ୍ଚିବାର ଅଧିକାରର ଖୋଲା ଉଲ୍ଲଂଘନ । ପୋଲିସ ଥାନା ଆଇନ ଗତ ଭାବରେ ସାଧାରଣ ନଗରିକପାଇଁ ନିରାପଦ ଆଶ୍ରୟସ୍ଥଳୀ ହେବା ବାଧ୍ୟତାମୂଳକ, ମାତ୍ର ଏହା ମୃତ୍ୟୁ ସ୍ଥଳରେ ପରିଣତ ହେବା ଅତ୍ୟନ୍ତ ନିନ୍ଦନୀୟ । ପରିବାର ତରଫରୁ ଅଣାଯାଇଥିବା ଅଭିଯୋଗ ସରାକରଙ୍କ ଦ୍ୱାରା ପ୍ରଚାର କରାଯାଉଥିବା ଆତ୍ମହତ୍ୟା ଦାବିକୁ ସିଧାସଳଖ ଚ୍ୟାଲେଞ୍ଜ କରୁଛି ଏବଂ ସମ୍ଭାବ୍ୟ ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସୁତରାଂ ଏହି ଘଟଣା ଏକ ସ୍ୱଚ୍ଛ, ନିରପେକ୍ଷ ଏବଂ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରୁଛି । ଜାତୀୟ ମାନବାଧିକାର କମିଶନର ମାର୍ଗଦର୍ଶିକାକୁ ଅକ୍ଷରେ ଅକ୍ଷରେ ଓ ଏହାର ମୂଳ ଉଦ୍ଦେଶ୍ୟ ଅନୁଯାୟୀ ପାଳନ କରାଯିବା ନିଶ୍ଚିତ କରିବା ପାଇଁ ସିପିଡିଆରଏସ ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ଜିଲ୍ଲା ଜଜ୍‌ଙ୍କ ଅଧ୍ୟକ୍ଷତାରେ ଏହି ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ପାଇଁ ଜରୁରୀ ଦାବି କରୁଛି । ଏହାଛଡ଼ା, ରାଜ୍ୟର ବିଫଳତାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆମେ ବର୍ତ୍ତମାନ ସରାକରଙ୍କ ଦ୍ୱାରା ଘୋଷିତ କ୍ଷତିପୂରଣକୁ ଅତ୍ୟନ୍ତ ଅପର୍ଯ୍ୟାପ୍ତ ବୋଲି ସିପିଡିଆରଏସ ମନେ କରୁଚି । ଆମେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ସେମାନଙ୍କ ଦୀର୍ଘକାଳୀନ ଥଇଥାନ ଏବଂ ସହାୟତା ପାଇଁ ଏକ ବ୍ୟାପକ ଯୋଜନା ଦାବି କରୁଛୁ । ଆମେ ପୂର୍ଣ୍ଣ କଲାରଙ୍କ ଶୋକସନ୍ତପ୍ତ ପରିବାର ଏବଂ ନବରଙ୍ଗପୁରର ନାଗରିକମାନଙ୍କ ସହିତ ଦୃଢ଼ ଏକତା ପ୍ରଦର୍ଶନ କରୁଛୁ । ସିପିଡିଆରଏସ ଏହି ଘଟଣା ସମ୍ପର୍କରେ ସଚେତନ ରହିବ ଏବଂ ସରକାରୀ ଓ ପ୍ରଶାସନିକ ଚାପରେ ଯେପରି ନ୍ୟାୟ ବିଳମ୍ବିତ ନହୁଏ କିମ୍ବା ମୃତ ବ୍ୟକ୍ତି ନ୍ୟାୟ ପାଇବାରୁ ବଞ୍ଚିତ ନହୁଅନ୍ତି ତାହା ନିଶ୍ଚିତ କରିବାକୁ ତଦନ୍ତର ଅଗ୍ରଗତି ଉପରେ କଡ଼ା ନଜର ରଖିବ ।

**AFFIDAVIT**

By virtue of an affidavit sworn before The Executive Magistrate, Banpur, on dated 28/04/2026, I Santunu pradhan, S/o-Bahadur Pradhan At-Ankulapadar, Po-Narendrapur, P.s- Banpur, Dist-Khurda , Odisha, Pin-752031, Declare that, I have changed my name from Santanu Pradhan to Santunu Pradhan. Henceforth, I shall be known as Santunu Pradhan for all purposes

Sd/-Santunu pradhan

# ଏମ୍‌ସିଏଲ୍‌ର ସିଭିଓ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ହିମାଂଶୁ ଜୈନ



ଭୁବନେଶ୍ୱର, ୩୦/୪(ନିପ୍ର):୨୦୦୭ ବ୍ୟାଚ୍ ଭାରତୀୟ ରେଳ ସେବା ଅଧିକାରୀ ଶ୍ରୀ ହିମାଂଶୁ ଜୈନ, ବର୍ତ୍ତମାନ ଏସ୍.ଇ.ସି.ଏଲ୍. ରେ ମୁଖ୍ୟ ସତର୍କତା ଅଧିକାରୀ (ସି.ଭି.ଓ.) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଏମ୍.ସି.ଏଲ୍. ର ସି.ଭି.ଓ. ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିଭିଓ, ଏନ.ସି.ଏଲ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶ୍ରୀ ଜୈନ ଏନ୍.ଆଇ.ଟି. ରାୟପୁରର ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ବିଭାଗର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଆଇ.ଆଇ.ଟି. ବମ୍ବେର ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ଅଟନ୍ତି । ସେ ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସିଗନାଲିଂ ପ୍ରକଳ୍ପର ନେତୃତ୍ୱ ନେଇଛନ୍ତି ଏବଂ ଡିଜିଏମ, ସିପିଆରଓ ଏବଂ ଜିଏମଙ୍କ ସଚିବଙ୍କ ସମେତ ଭାରତୀୟ ରେଳ ସେବାରେ ବରିଷ୍ଠ ଭୂମିକା ଗ୍ରହଣ କରିଛନ୍ତି। ସେ ୨୦୧୬ ରେ ଜାତୀୟ ରେଳ ପୁରସ୍କାର, ୨୦୧୯ ରେ ଭାରତୀୟ ରେଳବାଇର ଜାତୀୟ ଏକାଡେମୀରେ ମହାନିର୍ଦ୍ଦେଶକ ପଦକ ଏବଂ ୨୦୧୨ ଓ ୨୦୨୨ ରେ ଜେନେରାଲ ମ୍ୟାନେଜର୍ ପୁରସ୍କାର ସମେତ ଅନେକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସିଭିସି ଜାତୀୟ କର୍ମଶାଳାରେ ପ୍ରଦର୍ଶିତ 'ଡିଜିକୋଲ୍' ପଦକ୍ଷେପ ମାଧ୍ୟମରେ ସ୍ୱଚ୍ଛତା ଆଣିବା ପାଇଁ ଶ୍ରୀ ଜୈନଙ୍କ ଅତୁଳନୀୟ ଭୂମିକା ରହିଛି ।

# ନାଲ୍‌କୋର ୫,୮୧୬ କୋଟିର ନିଟ୍ ଲାଭ



ଭୁବନେଶ୍ୱର, ୩୦/୪(ନିପ୍ର): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ (ନାଲକୋ) ଆର୍ଥିକ ବର୍ଷ ୨୦୨୫-୨୬ରେ ଉତ୍ପାଦନ ଓ ବିକ୍ରୟ ତଥା ନିଟ୍ ଲାଭ ଅର୍ଜନ କ୍ଷେତ୍ରରେ ନିଜର ସର୍ବକାଳୀନ ସର୍ବାଧିକ ରେକର୍ଡକୁ ଦୋହରାଇଛି । ଆଜିର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲ୍‌କୋ ଆର୍ଥିକବର୍ଷ ୨୦୨୫-୨୬ରେ ସର୍ବକାଳୀନ ସର୍ବାଧିକ ୫,୮୧୬ କୋଟି ଟଙ୍କାର ନିଟ୍ ଲାଭ (କର ପରବର୍ତ୍ତୀ ଲାଭ) ଅର୍ଜନ କରିଛି। ପୂର୍ବ ଆର୍ଥିକ ବର୍ଷରେ ଏହି ପରିମାଣ ୫,୩୨୫ କୋଟି ଟଙ୍କା ଥିଲା (୯.୨% ଅଭିବୃଦ୍ଧି)। ଏଥିସହ, ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ୍ୟ କମ୍ପାନୀ ସର୍ବକାଳିନ ସର୍ବାଧିକ ୧୭,୮୪୩ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୧୬,୭୮୮କୋଟି ଟଙ୍କା ଥିଲା। ଏଥିସହ, ୨୦୨୬ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୭% ଅଭିବୃଦ୍ଧି ଘଟି ୧,୭୧୮ କୋଟି ଟଙ୍କା ହୋଇଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୧,୬୦୧ କୋଟି ଟଙ୍କା ଥିଲା । ସେହିପରି, ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୧୦୩ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ତୃତୀୟ ତ୍ରୈମାସିକରେ ଏହି ପରିମାଣ ୪,୭୩୧ କୋଟି ଟଙ୍କା ଥିଲା । ଉତ୍ପାଦନ ପରିମାଣ ବୃଦ୍ଧି, ଉନ୍ନତ ବ୍ୟବସାୟ ଏବଂ ୟୁନିଟ୍‌ଗୁଡ଼ିକରେ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବା ଦ୍ୱାରା ଏହି ଫଳାଫଳ ହାସଲ ହୋଇପାରିଛି ଯାହା ଏକ ଗତିଶୀଳ ବଜାର ପରିବେଶରେ କମ୍ପାନୀର ସ୍ଥିର ପ୍ରଦର୍ଶନକୁ ବଜାୟ ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୨୫-୨୬ ରେ ନାଲକୋ ମଧ୍ୟ ସ୍ଥାପନା ପରଠାରୁ ସର୍ବୋତ୍ତମ ଉତ୍ପାଦନ ଓ ବ୍ୟବସାୟିକ ପ୍ରଦର୍ଶନ ହାସଲ କରିଛି । କମ୍ପାନୀ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ପରିବହନରେ ଏହାର ସର୍ବୋଚ୍ଚ ରେକର୍ଡ କରିଛି। ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ୨୩ ଲକ୍ଷ ଟନ୍‌ରେ ପହଞ୍ଚିଛିଥିବା ବେଳେ କାଲସାଇଣ୍ଡ୍ ଆଲୁମିନା ଉତ୍ପାଦନ ୨୨.୭୫ ଲକ୍ଷ ଟନ୍ ରେ ପହଞ୍ଚିଛି। ସେହିପରି, କାଷ୍ଟ ଧାତୁ ଉତ୍ପାଦନ ସର୍ବକାଳୀନ ସର୍ବାଧିକ ୪.୭୨ ଲକ୍ଷ ଟନ୍, ୬,୯୫୩ ମିଲିୟନ ୟୁନିଟ ରେକର୍ଡ ନେଟ୍ ବିଦ୍ୟୁତ୍ ଉତ୍ପାଦନ ଏବଂ ୪୦ ଲକ୍ଷ ଟନ୍ କୋଇଲା ମଧ୍ୟ ଉତ୍ପାଦନ କରାଯାଇଛି। ବିକ୍ରୟ କ୍ଷେତ୍ରରେ, ନାଲକୋ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ଆଲୁମିନା ବିକ୍ରୟ ୧୪.୪୬ ଲକ୍ଷ ଟନ୍ ରେ ପହଞ୍ଚିଛିଥିବା ବେଳେ (୧.୩୮ ଲକ୍ଷ ଟନ୍ ଘରୋଇ ଆଲୁମିନା ବିକ୍ରୟ ଅନ୍ତର୍ଭୁକ୍ତ), ଆଲୁମିନିୟମ୍ ଧାତୁ ବିକ୍ରୟ ୪.୭୪ ଲକ୍ଷ ଟନ୍ ହୋଇଛି ଯେଉଁଥିରେ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ୪.୬୧ ଲକ୍ଷ ଟନ୍ ଧାତୁ ବିକ୍ରୟ ଅନ୍ତର୍ଭୁକ୍ତ। 'ଉତ୍ପାଦନ ପରିମାଣ ବୃଦ୍ଧି, ଉତ୍ପାଦର ସଠିକ ମୂଲ୍ୟ ଏବଂ ବଜାର ସୁଯୋଗକୁ କୁଶଳୀ ଢଙ୍ଗରେ ବ୍ୟବହାର କରିବାରେ ଆମର ଦକ୍ଷତା ଯୋଗୁଁ ଏହି ଫଳାଫଳ ହାସଲ ହୋଇପାରିଛି।

# ଇଗ୍ନୋ ପକ୍ଷରୁ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜିତ

ଭୁବନେଶ୍ୱର, ୩୦/୪(ପିଆଇବି): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ), ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର, ଆରସି ରାଇରଙ୍ଗପୁର ଏବଂ ଟ୍ରେନଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ୩୦ ଏପ୍ରିଲ ୨୦୨୬ରେ ଭୁବନେଶ୍ୱରର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରିଥିଲା। ପ୍ଲେସମେଣ୍ଟ ଡ୍ରାଇଭରେ ୮୦ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଥର୍ମାଲ୍ ପରିଚାଳନା ସମାଧାନରେ ଏକ ଅଗ୍ରଣୀ ବହୁରାଷ୍ଟ୍ରୀୟ କମ୍ପାନୀ ମୋଦିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍ ନିଯୁକ୍ତିଦାତା କମ୍ପାନୀ ଥିଲା। ବିଭିନ୍ନ ଦେଶରେ ଏକ ଦୃଢ଼ ଉପସ୍ଥିତି ସହିତ, କମ୍ପାନୀ ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରୟୋଗରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟାରେ ବିଶେଷଜ୍ଞ। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଇଗ୍ନୋର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ.କେ. ଦାଶ ଉଦଘାଟନୀ ଅଧିବେଶନରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଇଥିବା ଦକ୍ଷତା ଏବଂ ଇଣ୍ଟର୍ନସିପ୍ ସୁବିଧା ସେମାନଙ୍କୁ ବୃତ୍ତିଗତ କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ଗୁରୁତ୍ୱାରୋପ କରିଥିଲେ। ଇଗ୍ନୋର କ୍ୟାମ୍ପସ୍ ପ୍ଲେସମେଣ୍ଟ ସେଲ୍ ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ୟୁନିଟ୍ର ମୁଖ୍ୟ ପ୍ରଫେସର ନୟନ ତାରା ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ସେମାନଙ୍କୁ ଶୁଭକାମନା ଜଣାଇଥିଲେ। ସେ ପ୍ଲେସମେଣ୍ଟ ଡ୍ରାଇଭ୍ ପାଇଁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ମୋଡାଇନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିନିଧିମାନେ ଚାକିରି ପ୍ରୋଫାଇଲ୍ ସମ୍ପର୍କରେ ଆଶାୟୀମାନଙ୍କୁ ସଂକ୍ଷିପ୍ତରେ ବୁଝାଇଥିଲେ। କମ୍ପାନୀ ପ୍ଲେସମେଣ୍ଟ ଡ୍ରାଇଭରେ ଇଗ୍ନୋର ୪୦ ଜଣ ଛାତ୍ରଛାତ୍ରୀ ସର୍ଟଲିଷ୍ଟ ହୋଇଛନ୍ତି ଯେଉଁମାନେ ବିଭିନ୍ନ ପର୍ଯ୍ୟାୟରେ ଚାକିରିରେ ଯୋଗଦେବେ।



୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରିବା ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ (ଫଟୋ-ଦିନଲିପି)

**AFFIDAVIT**

By virtue of an affidavit sworn before The Executive Magistrate, Gunupur affidavit no.243 dated. 27.04.2026, I Adia Sabar S/o-Laxman Sabar, Housing Board, gunupur, Po/Ps-Gunupur, Dist-Rayagada, Odisha do hereby declare my name ,my mother's name & my D.O.B has been wrongly mentioned as Hadia Sabar, Tikima Sabar & 05.05.1995 in my school leaving certificate vide SLC No.87/2013 instead of Adia Sabar , Sukumari Sabar & 28.04.1994. The purpose of this affidavit is to submit before competent authority for correction.

Sd/-Adia Sabar

# ଚାରିମାସ ହେଲା ମିଳୁନି ପିଇବା ପାଣି: କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ



କେନ୍ଦ୍ରାପଡ଼ା, ୩୦/୪(ନିପ୍ର): ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡା ଗ୍ରାମପଞ୍ଚାୟତ କାଉପଡା ଗ୍ରାମରେ ୨୦୦ ରୁ ୨୫୦ ଲୋକେ ବସବାସ କରନ୍ତି । ବ୍ୟତିକ୍ରମ ବିଷୟ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଗ୍ରାମକୁ ଆସୁନାହିଁ ପିଇବା ପାଣି । ଏତେ ପରିମାଣରେ ଲୋକେ ରହୁଥିବା ବେଳେ ଆବଶ୍ୟକ ମାତ୍ରାରେ ବି ନାହିଁ ନଳକୂପ। ଗ୍ରାମରେ ବାରମ୍ବାର ପାଇପ ଲାଇନ ଖରାପ ହେଉଥିବା ବେଳେ ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଉକ୍ତ ସମସ୍ୟା ବିଷୟରେ କାଉପଡ଼ା ଗ୍ରାମବାସୀଙ୍କ ଦ୍ୱାରା ଡେରାବିଶ ବିଡ଼ିଓ ଏବଂ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କୁ ଦୃଷ୍ଟିଗୋଚର କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଗ୍ରାମର ବୃଦ୍ଧଠାରୁ ପିଲା ପର୍ଯ୍ୟନ୍ତ ଦୈନନ୍ଦିନ ଜୀବନରେ ଏଭଳି ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଉକ୍ତ ବିଷୟରେ ସରପଞ୍ଚଙ୍କୁ ମଧ୍ୟ ବାରମ୍ବାର ଜଣାଇଥିଲେ। କିନ୍ତୁ ସରପଞ୍ଚ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିବା ନେଇ କାଉପଡ଼ା ଲୋକେ ଅଭିଯୋଗ କରିଛନ୍ତି । ଏହା ସବୁଠାରୁ ମୁଣ୍ଡ ବିନ୍ଧାର ବିଷୟ ପାଲଟିଛି। ଦୀର୍ଘ ଚାରିମାସରୁ ଊର୍ଦ୍ଧ୍ୱ ହେବ କାଉପଡ଼ା ଗ୍ରାମକୁ ପିଇବା ପାଣି ଆସୁ ନ ଥିବା ବେଳେ ବାରମ୍ବାର ସ୍ଥାନୀୟ ସରପଞ୍ଚ ଏବଂ ଆରଡବ୍ଲ୍ୟୁଏସଏସ ବ୍ଲକ ଯନ୍ତ୍ରୀଙ୍କୁ ଜଣାଇଥିଲା ପରେ ମଧ୍ୟ କୌଣସି କାର୍ଯ୍ୟ ହୋଇପାରୁନଥିଲା । ଆଜି ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ ପମ୍ପ ହାଉସ ଏବଂ ଗ୍ରାମପଞ୍ଚାୟତ ଗୃହ ତାଲା ପକାଇବା ପାଇଁ ଏକତ୍ରିତ ହୋଇଥିଲେ । କୌଣସି ସୂତ୍ରରୁ ଖବର ପାଇଁ ଗ୍ରାମୀଣ ଜଳଯୋଗାଣ ଏବଂ ପରିମଳ ବ୍ୟବସ୍ଥା ଅଧିକାରୀ ଯନ୍ତ୍ରୀ ଏବଂ ମୁଖ୍ୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ କାଉପଡା ଲୋକେ ବିଭାଗୀୟ ଅଧିକାରୀଙ୍କ ଗାଡ଼ି ଅଟକାଇବା ସହ ସମସ୍ୟା ସମ୍ପର୍କରେ ଦୃଢ ଦାବି ରଖିଥିଲେ । ଆରଡବ୍ଲ୍ୟୁଏସଏସ ମୁଖ୍ୟ ଅଧିକାରୀ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ସମସ୍ୟାର ସମାଧାନ ନିମନ୍ତେ ବୁଝାଇବା ସହ ପ୍ରତିଶ୍ରୁତି ଦେଲାପରେ ଲୋକେ ଗାଡ଼ି ଆଗରୁ ଉଠିଥିଲେ । ଡେରାବିଶ ବ୍ଲକରେ ଥିବା ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କ ଏଭଳି ଖାମଖିଆଲି ନୀତି ପାଇଁ ଆଗରୁ ମଧ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକକୁ ବଦଳି ହୋଇ ଆସିଥିଲେ।

## ତେଲ ଶୂନ୍ୟ, ଜନସାଧାରଣ ହନ୍ତସନ୍ତ



କାଶୀନଗର, ୩୦/୪(ନିପ୍ର): କାଶୀନଗର ସହରରେ ଦୁଇ ଦିନ ହେଲା ପେଟ୍ରୋଲ ଓ ଡିଜେଲ ପେଟ୍ରୋଲ ଟାଙ୍କିରେ ନ ଥିବାରୁ ପେଟ୍ରୋଲ ଓ ଡିଜେଲ ଦର କଳାବଜାରରେ ଅଧିକା ଦାମ ଦେଇ କିଣୁଛନ୍ତି ଲୋକେ। କାଶୀନଗର ସହର କେବଳ ଗୋଟେମାତ୍ର ପେଟ୍ରୋଲ ଟାଙ୍କି ରହିଛି । ୨ ଦିନ ହେଲା ତେଲ ଯୋଗାଣ ନ ଥିବାରୁ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ କାଶୀନଗର ସହରକୁ ପେଟ୍ରୋଲ ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି।

## ଆଇଆଇଏମସିରେ ଓଡ଼ିଆ ପିଜି ଡିପ୍ଲୋମା ଆବେଦନ ଅବଧି ବୃଦ୍ଧି

**ଢେଙ୍କାନାଳ, ୩୦/୪(ପିଆଇବି):** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା କୋର୍ସରେ ନାମଲେଖା ପାଇଁ ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଶେଷ ତାରିଖ ୩୦ ଏପ୍ରିଲ ୨୦୨୬ ଥିବାବେଳେ ବର୍ତ୍ତମାନ ଏହାକୁ ୯ ମେ' ୨୦୨୬ ପର୍ଯ୍ୟନ୍ତ ବଢ଼ାଯାଇଛି। ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଆବେଦନ କରିପାରିବେ। ପୂର୍ବରୁ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରବେଶିକା ପରୀକ୍ଷା ଓ ସାକ୍ଷାତକାର ୧୧ ମେ' ୨୦୨୬ (ସୋମବାର) ଆୟୋଜିତ ହେବ । ଯେଉଁ ପ୍ରାର୍ଥୀମାନେ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି, ସେମାନଙ୍କୁ ଏହି ସମୟ ବୃଦ୍ଧିର ସୁଯୋଗ ନେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଉଛି। ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି, ଆଗ୍ରହୀ ପ୍ରାର୍ଥୀଙ୍କ ଅନୁରୋଧକୁ ଧ୍ୟାନରେ ରଖି ଏହି ସମୟସୀମା ବୃଦ୍ଧି କରାଯାଇଛି, ଯାହା ଦ୍ୱାରା ଅଧିକ ପ୍ରାର୍ଥୀ ଭାଗ ନେବାର ସୁଯୋଗ ପାଇପାରିବେ। ଓଡ଼ିଆ ସାମ୍ବାଦିକତା ଓ ଗଣମାଧ୍ୟମ ପ୍ରତି ଆଗ୍ରହୀ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବାକୁ ଅନୁଷ୍ଠାନ ପକ୍ଷରୁ ଅପେକ୍ଷା କରାଯାଇଛି। ଆଗ୍ରହୀ ପ୍ରାର୍ଥୀମାନେ ଯୋଗ୍ୟତା, ଆବେଦନ ପ୍ରକ୍ରିୟା ଓ ଭର୍ତ୍ତି ସମ୍ବନ୍ଧୀୟ ତଥ୍ୟ ଆଇଆଇଏମସିର ୱେବସାଇଟରୁ ପାଇପାରିବେ।

OIPR 10001/10003/2/26-27/0010
10001/93/2627

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ
(୨୮ ଫେବୃଆରୀ ରୁ ୩୧ ମଇ ୨୦୨୬)

ଏଚ୍.ପି.ଭି. ଟୀକା: ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧ଟି ମାତ୍ରା

- ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ କ୍ୟାନ୍ସର) ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟୀକାକରଣ ଜରୁରୀ।
- ଏଚ୍.ପି.ଭି ଟୀକା ଜରାୟୁ ଗ୍ରୀବା କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।
- ଏହି ଟୀକା ଗୋଟିଏ ମାତ୍ରା (୦.୫ ମିଲି) ବାମ ହାତର ଉପରି ଭାଗରେ ମାଂସପେଶୀରେ ଦିଆଯାଏ। ଏହି ଗୋଟିଏ ଡୋଜ୍ ମାତ୍ରା ଯଥେଷ୍ଟ ସୁରକ୍ଷା ପ୍ରଦାନ କରେ ।
- ବର୍ତ୍ତମାନ ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯାଉଛି (ଯେଉଁମାନଙ୍କୁ ୧୪ ପୂରିଛି କିନ୍ତୁ ୧୫ ପୂରିନାହିଁ)।
- ଟୀକା ନେବାପରେ କିଶୋରୀଙ୍କୁ ୩୦ ମିନିଟ୍ ଟୀକାଦାନ କେନ୍ଦ୍ରରେ ପର୍ଯ୍ୟବେକ୍ଷଣରେ ରଖିବା ଦରକାର। ଟୀକା ନେବା ପରେ ସାମାନ୍ୟ କଷ୍ଟ ବା ଜ୍ୱର ହେବା ସ୍ୱାଭାବିକ, ଯାହା ୨-୩ ଦିନରେ ଭଲ ହୋଇଯାଏ। ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ।
- ଯଦି ଜଣେ କିଶୋରୀ ପୂର୍ବରୁ ଯେକୌଣସି ଏଚ୍.ପି.ଭି ଟୀକା ନେଇଛନ୍ତି, ତେବେ ତାଙ୍କୁ ଏହି ଅଭିଯାନରେ ପୁଣି ଥରେ ଟୀକା ନେବାର ଆବଶ୍ୟକତା ନାହିଁ। ସେ ପୂର୍ବରୁ ହିଁ ସୁରକ୍ଷିତ ଅଛନ୍ତି।

ଏହି ଟୀକା ୧୪ ବର୍ଷ ବୟସର ସମସ୍ତ କିଶୋରୀଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।

#UWIN

ଆପଣଙ୍କ କିଶୋରୀର ଏଚ୍.ପି.ଭି. ଟୀକାକରଣ ପାଇଁ U-WIN ପୋର୍ଟାଲରେ ପଞ୍ଜିକରଣ କରନ୍ତୁ।
Visit https://uwin.mohfw.gov.in/home
ଅଧିକ ସୂଚନା ପାଇଁ ଆପଣଙ୍କର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ/ଆଶାକର୍ମୀ/ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ବେତନଟୀ ବ୍ଲକରେ ଉତ୍କଟ ପାନୀୟଜଳ ସମସ୍ୟା

# ଅଭିଯୋଗ ପରେ ବି ନୀରବଦ୍ରଷ୍ଟା ପ୍ରଶାସନ



ବେତନଟୀ, ୩୦/୪(ନିପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ବ୍ଲକର ପ୍ରାୟ ଅଧିକାଂଶ ଅଞ୍ଚଳ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ତତ୍କାଳୀନ ସରକାର ସମୟରେ ରାଜକୋଷରୁ କୋଟିକୋଟି ଅର୍ଥ ଖର୍ଚ୍ଚ କରି ପ୍ରତି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବସୁଧା ଟାଙ୍କି ନିର୍ମାଣ ହୋଇଥିଲା। ଠିକାଦାର, ଜନପ୍ରତିନିଧି ଏବଂ ଅଧିକାରୀଙ୍କ ଖାମାଖିଆଲି ମନୋଭାବ ଯୋଗୁଁ ଏହି ଯୋଜନା ଏବେ କେବଳ କାଗଜ କଲମରେ ସୀମିତ ହୋଇ ରହିଛି। କୂଅ ପାଣି ପିଇ ଅଞ୍ଚଳବାସୀ ଏବେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଏହିଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ବେତନଟୀ ବ୍ଲକ ଅଧୀନ ମୁକ୍ତାପୁର ଗ୍ରାମପଞ୍ଚାୟତ ଅଧୀନ ନୂଆସାହି ଗ୍ରାମରେ। ଏହି ଗ୍ରାମରେ ପାଖାପାଖି ୫୫ ଆଦିବାସୀ ପରିବାର ପ୍ରାୟ ୩୦୦ ଲୋକ ବସବାସ କରନ୍ତି। ଏହି ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମରୁ ପାଖାପାଖି ୩ କିଲୋମିଟର ଦୂର ଛୋଟରାୟପୁର ଠାରେ ଏକ ବସୁଧା ପାଣି ଟାଙ୍କି ନିର୍ମାଣ ହୋଇଛି ଏବଂ ନିର୍ମାଣ କରିଥିବା ଠିକାଦାର ଯେଣେତେଣେ ପାଇପ ସଂଯୋଗ କରି ପଳାଇଛି। ତେବେ ଉକ୍ତ ପାଇପରେ ପାଣି ଆସୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ତେଣୁ ବାଧ୍ୟ ହୋଇ ନିଜସ୍ୱ ଉଦ୍ୟମରୁ ଏକ କୂଅ ଖୋଳି ସେହି କୂଅ ପାଣି ପିଉଛନ୍ତି। ଏ ବାବଦରେ ଲୋକମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଧାୟକଙ୍କ ଜନଶୁଣାଣୀରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରିଲା ନାହିଁ। ତେବେ ବଡ଼ସାହି ନିର୍ବାଚନ ମଣ୍ଡଳୀର ୨ ଥର ନିର୍ବାଚିତ ହୋଇଥିବା ବିଧାୟକ ଏବଂ ଖୋଦ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଷ୍ଟାଣ୍ଡିଙ୍ଗ କମିଟିର ଚେୟାରମ୍ୟାନ ଥିବା ସତ୍ତ୍ୱେ ଏହିଭଳି ସମସ୍ୟା ସମାଧାନ ହୋଇପାରୁନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଖବର ପ୍ରସାରଣ ପରେ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ